ଜଣେ ମନ୍ତ୍ରୀ ଓ ତାଙ୍କ ପଦର ଅଧିକାର ୩ ୧୫୦ ଓ ୩ ୨୧୧ ଙ୍କା ଅପହରଣରେ ଦଣ୍ଡିତ ହୋଇ ଥିବାରୁ ସେ ମୁକ୍ତି ପାଇ ବହୁ ପାଇଁ ୬ ଟା ଏହିକି ଚର୍ଚ୍ଚିତ ବର୍ତ୍ତମାନ ଅପରାଧ ଅଭିଯୋଗରେ ଉପସ୍ଥିତ ହୋଇ ଅଛି । ତାଙ୍କ କୋର୍ଟରେ ପୂର୍ଣ୍ଣ ଶୁଣାଣି ଏହା ଦଣ୍ଡ ଦେବ ।—ଆପଣମାନଙ୍କ ଦରବାରରେ ଏହାର ମୁକ୍ତିଅଛନ୍ତି ଅବସ୍ଥାକୁ ଜାଣିବା ଉଚିତ ।

ଇଂଲଣ୍ଡର ଏକାଂଶରେ ଅତ୍ୟଧିକ ଜଳରେ ବର୍ଷା ହୋଇ ବେଳେ ବେଳେ ଶିଳାବୃଷ୍ଟି ହେଉଅଛି ବୋଲି ଏଠାରେ ସମ୍ବାଦ ମିଳିଅଛି । ଏ ଅବସ୍ଥାରେ ଲୋକଙ୍କ ସବୁ ଲୋକେ ବାହାର ଅଧିକ ଅସୁସ୍ଥ ହୋଇ ପଡ଼ନ୍ତି । ଏଣୁ ଅନେକ ଲୋକ ରୋଗଗ୍ରସ୍ତ ଅଛନ୍ତି ।

ଭୁବନେଶ୍ୱରଠାରୁ ଆସିଥିବା ସମ୍ବାଦଦାତାଙ୍କଠାରୁ ପ୍ରକାଶ ଯେ ସେଠାରେ ସମ୍ବତ୍ସରରେ ଶରତ ଅନୁଷ୍ଠିତ ଉତ୍ସବରେ ପଡ଼ ଓ ପୂଜାରୁ ଓ କାହାର ଜମ୍ବୁରଲ ଏକ ସେ ଅପଣା ଶତ ଏକଦିନରେ ବହୁତ ଲୋକ ଯାତ୍ରୀ ହୋଇ ଅଛନ୍ତି । ସମ୍ବତ୍ସରେ ଏ ଯେଉଁ କଥା ପଦ୍ମରୁ ଶେଷ ହେଲା ।

ଘର୍ଷଣୀଠାରୁ ସମ୍ବାଦ ମିଳିଲା ଯେ ଦଶେରାଦିନ ପଣ୍ଡିତ ଗୋଷ୍ଠୀମାନେ ପୂଜାର ରତି ନବୀନ କରି ଥଇଲ । ସେ ସାତର ସମସ୍ତ ସରକାରମାନେ ମଦ୍ୟ ପାନ ଅଛନ୍ତି ଏବଂ ସେମାନଙ୍କର ସହସ୍ର ଗୋମେଷାଦି ପଶୁହିଂସା ବେ ହତ୍ୟା କରି ଅଛନ୍ତି ।—ବଳ ଖାର ପ୍ରଜା ଦାଳ ।

## କେନ୍ଦ୍ରାପଡ଼ାସମ୍ବାଦ

ଗତସପ୍ତାହ ମଧ୍ୟରେ ଦୁଇ ଦିନ ଅଳ୍ପ ଜଳ ବୃଷ୍ଟି ହୋଇ ଯାଇଅଛି କିନ୍ତୁ ତାହା ହେଲେ ହେଁ ମଧ୍ୟ ଗୌଡ଼ର ତେଜ କମି ନାହିଁ ମେଘଗର୍ଜ୍ଜନ ଅଧିକ ବୃଷ୍ଟି ହେବାର ଆଶା ହେଉଅଛି ।

ଶ୍ରୀକ୍ଷେତ୍ରରୁ ଏଠାକୁ ଡାକଘର ସ୍ଥାନ ହୋଇ ଅଛି ଅଳ୍ପଦିନ ଡାକପ୍ରମାନଙ୍କରେ ଦରମା କର ନ ଥିବାରୁ ସାଧାରଣଙ୍କ ଏଠାରେ ଅସୁବିଧା ଭୋଗ କରୁଅଛନ୍ତି ଜେଲାରୁ ଜଳ ଆସିବାରେ କଷ୍ଟ ପ୍ରେଷିତ ହେବ ।

ଏଠାରେ ତୃଣ ପାଣ ଅଳ୍ପ ଭୂମି ନଥ ଜମେ କମଅଛି ।

ସମ୍ପୃତ ଆମରେ ନୂତନ ୫ ୮ ଶ ବନ୍ଦୀବାର ଦଣ୍ଡିତ ହୋଇ ସହରରେ ଅପଣା ସ୍ୱଜାତିର ଏ ଆଇନ କର୍ମମାନ କରୁ ଅଛନ୍ତି ବଣ୍ଡାବସ୍ତ ଆ ଏହା ଭଲ ହୋଇଅଛି ।

ମୋଟରେ ଜଳ ସମ୍ପୃତ ସେ ୯୧ ର ଉପରରେ ଦଶମ୍ ବେଳ ଅଛି ।

---

## ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଆମ୍ଭେମାନେ ଦାୟୀ ନୋହୁଁ ।

---

ମହାଶୟ !

ନିମ୍ନଲିଖିତ କଭରପ୍ ପଂକ୍ତିକୁ ଆପଣଙ୍କ ପତ୍ରିକାରେ ସ୍ଥାନ ଦାନ କରି ଅନୁଗୃହୀତ କରିବେ ।

ବାବୁ ଶ୍ରୀ ଜଗଦୀଶଚନ୍ଦ୍ର ସେନ୍ ଚୌଧୁରୀ, ବାବୁ ଶ୍ରୀ ଦୁର୍ଗାପ୍ରସାଦ ସିଂହ ଓ ତାହାଙ୍କର ସହପାଠୀ କବି ସମ୍ମିଳିତ ହୋଇ କେତେକ ସହରି ଅନୁରୋଧ କ୍ରମେ ଏହି କଟକନଗର ହାଇସ୍କୁଲରେ ସଭା ଅନୁଷ୍ଠାନ କରି ଅସାମୀ ମେ-ମାସ ତା ୧ ରିଖ ଠାରୁ ଗୋଟିଏ ମୁଷ୍ଟିଭିକ୍ଷା ଛାତ୍ରାବାସ ନିର୍ବାହିତ ହେବା ନିମନ୍ତେ ଅର୍ଥଦାନ ଏକଥିଲ୍ଲ ଭଣ୍ଡାର ଥିଲେ । ବାବୁ ଶ୍ରୀ ଗୋବିନ୍ଦନାଥ ଘୋଷ, ବାବୁ ଶ୍ରୀ ଉପେନ୍ଦ୍ରନାଥ ଘୋଷ, ବାବୁ ଶ୍ରୀ ଗିରୀଶଚନ୍ଦ୍ର ଘୋଷ ଓ ବାବୁ ଶ୍ରୀ ମଦନମୋହନ ଦାସ ଚୌଧୁରୀ ମୁଖ୍ୟ ଲେଖକମାନଙ୍କ ସେହି ସ୍କୁଲରେ ଅଧ୍ୟାପନା କାର୍ଯ୍ୟ ଚଳାଇବେ ବୋଲି ସ୍ଥିର ହୋଇ ଅଛି ଏବଂ ଆବଶ୍ୟକ ହେଲେ କୌଣସି ଓକିଲ ବାବୁଙ୍କ ମଧ୍ୟ ଛାତ୍ରକାର୍ଯ୍ୟ ସମ୍ପାଦନାର୍ଥେ ପ୍ରାର୍ଥନା କରାଯିବ । ଏହି ସଦନୁଷ୍ଠାନ ଅନୁମା—

Digitized by srujanika@gmail.com

Split by PDF Splitter



ନଙ୍କ ଓଡ଼ିଶାପକ୍ଷେ ଅବଶ୍ୟ ଗୁରୁତର ଅଟେ । ଏବମ୍ବିଧକାର୍ଯ୍ୟ ଜନିତ କ୍ଷତିଗ୍ରସ୍ତତାରୁ ମହୋଦୟମାନଙ୍କୁ ଦେଶୀୟ ମାନ୍ୟ ଗଣ୍ୟ ବ୍ୟକ୍ତି ଓ ପାଠାର୍ଥୀମାନେ ଏକାନ୍ତ ଉତ୍ସାହିତ କରି ସେମାନଙ୍କ ସହାୟତାରୁ ଜୟସ୍ତମ୍ଭର ବଳୀୟାନ୍ କରନ୍ତୁ ପରନ୍ତୁ ଶେଷରେ ବକ୍ତବ୍ୟ ଏହି ଯେ ଯେଉଁ ପାଠାର୍ଥୀମାନେ ସ୍କୁଲସମ୍ବନ୍ଧୀୟ ଛାତ୍ରମାନ ଅବଗତ ହେବାର ଇଚ୍ଛା କରନ୍ତି ସେମାନେ ବାବୁ ଶ୍ରୀ ହରପ୍ରସାଦ ମିତ୍ର ଗଙ୍ଗାମନ୍ଦିର ଘଟକଙ୍କ ନିକଟକୁ ଯାଇ ଜ୍ଞାତ ହୋଇ ପାରିବେ କିନ୍ତୁ ବାବୁ ମହାଶୟ ଅନୁଗ୍ରହ କରି ତହିଁର ଭାର ଗ୍ରହଣ କରି ଅଛନ୍ତି । ଇତି ।

ଭବଦୀୟ
ଶ୍ରୀ ବନଓ୍ୱାରୀଲାଲ ସେନ
ମୁଲ୍ଲାଉସ୍କୁଲ୍ ସଭାର ମେମ୍ବର

---

ମାନ୍ୟବର ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ
ମହାଶୟ ସମୀପେଷୁ

ମହାଶୟ !

ଯେଉଁ କ୍ଷଣଜନ୍ମା ମହାତ୍ମାଙ୍କ ପରଲୋକ ଗମନରେ ଆଜି ସମସ୍ତ ଉତ୍କଳ ଶୋକାକୁଳ, ତାହାଙ୍କ ମୃତ୍ୟୁରେ ଦୁଃଖ ପ୍ରକାଶ କରିବା ନିମିତ୍ତ, ଗତ ଶନିବାର ଅପରାହ୍ନ କଟକ ଟ୍ରେନିଂ ସ୍କୁଲ ଗୃହରେ ଉତ୍କଳସ୍ଥ ଆଲୋଚନା ସଭାର ଯେଉଁ ବିଶେଷ ଅଧିବେଶନ ହୋଇଥିଲା, ତାହାର କାର୍ଯ୍ୟାବଳୀର ପ୍ରବନ୍ଧ ଖଣ୍ଡିଏ, ସଭ୍ୟଙ୍କର ନିର୍ଦ୍ଧାରଣ ଅନୁସାରେ, ଆପଣଙ୍କ ପତ୍ରିକାରେ ପ୍ରକାଶ କରିବା ନିମନ୍ତେ ପଠାଉଅଛୁଁ ଅନୁଗ୍ରହପୂର୍ବକ ପତ୍ରିକାର ଏକପାର୍ଶ୍ୱରେ ଏହାକୁ ସ୍ଥାନଦାନ କରିବା ହେବେ ।

ସଭାସ୍ଥଳରେ ୪୦ ଜଣରୁ ଅଧିକ ସଭ୍ୟ ଉପସ୍ଥିତ ଥିଲେ । ସଭାପତି ଶ୍ରୀଯୁକ୍ତ ବାବୁ ମଧୁସୂଦନ ରାଓ ମହୋଦୟ ଆସନ ଗ୍ରହଣ କରି ଏ ଅଧିବେଶନର ଉଦ୍ଦେଶ୍ୟ ସମ୍ବନ୍ଧରେ କହିଲେ କି—ରାୟ ନନ୍ଦକିଶୋର ଦାସ ବାହାଦୂର ଆଉ ଇହସଂସାରରେ ନାହାନ୍ତି । ସ୍ୱର୍ଗୀୟ ରାୟ ବାହାଦୂରଙ୍କର ଅମ୍ଭମାନଙ୍କ ବିଦ୍ୟାଳୟ ସଙ୍ଗେ ସାକ୍ଷାତ କୌଣସି ସମ୍ପର୍କ ନ ଥିଲା । ତଥାପି ଅମ୍ଭେମାନେ ସମସ୍ତେ ଆଜି କାହିଁପାଇଁ ଦୁଃଖିତ ନାହିଁ କି ? ରାୟ ବାହାଦୂର ସାହିତ୍ୟସମାଜରେ ଉଚ୍ଚ ଖ୍ୟାତନାମା ନ ଥିଲେ, ଅର୍ଥାତ୍ ସେ ଜଣେ ସୁପଣ୍ଡିତ କବି ବା ଦାର୍ଶନିକ ନ ଥିଲେ, ସାହିତ୍ୟ ବା ଅନ୍ୟ କୌଣସି ବିଷୟରେ କୌଣସି ଗ୍ରନ୍ଥ ଲେଖି ଯାଇଅଛନ୍ତି ଏମନ୍ତ ନୁହେ । ତଥାପି ସେ ଜଣେ ମହାଜନ ଥିଲେ । ତାଙ୍କର ସାମାଜିକ କର୍ତ୍ତବ୍ୟଜ୍ଞାନ ଯେପରି ଥିଲା, ସେପରି ଆଉ କାହାଠାରେ ଦେଖାଯାଏ ନାହିଁ । ସେ ଅତି ସହଜରେ ଉଚ୍ଚଲକ୍ଷ୍ୟର ମର୍ମ ଗ୍ରହଣ କରିପାରୁଥିଲେ । କ୍ରୋଧ କଅଣ ତାଙ୍କୁ ଜଣା ନ ଥିଲା । ସୌଜନ୍ୟ ତାହାଙ୍କଠାରେ ପୂର୍ଣ୍ଣମାତ୍ରାରେ ଥିଲା । ମୁଁ ତାହାଙ୍କୁ ପ୍ରାୟ ୨୮ ବର୍ଷ ହେଲା ଜାଣେ । ସେ ଯେଉଁ ସମୟରେ ପୁରୀରେ କୋଡ଼ିଏଟଙ୍କା ବେତନରେ ସାମାନ୍ୟ କିରାଣି କର୍ମ କରୁଥିଲେ, ସେ ସମୟରୁ ମୁଁ ତାହାଙ୍କୁ ଦେଖି ଆସୁଅଛି । ସମଗ୍ର ବିଷୟ ବିବେଚନା କଲେ ତାଙ୍କପରି ଆଉ ଜଣେ ଓଡ଼ିଶାର ଦେଖୁ ନାହିଁ । ସେ ଆପଣାର କାର୍ଯ୍ୟଦକ୍ଷତା ନିମନ୍ତେ ଗବର୍ଣ୍ଣମେଣ୍ଟଙ୍କଠାରେ ବିଶେଷରୂପେ ପରିଚିତ ଥିଲେ । ଏବଂ ସେଥିନିମନ୍ତେ ସେ କୋଡ଼ିଏଟଙ୍କା ବେତନରୁ କ୍ରମେ ଆଠଶହ ଟଙ୍କା ବେତନପର୍ଯ୍ୟନ୍ତ ଅବଶେଷରେ ଯେଉଁ ଉଚ୍ଚପଦ ପାଇଲେ, କୌଣସି ଓଡ଼ିଆବାସୀ ଏପର୍ଯ୍ୟନ୍ତ ତାହା ପାଇ ନାହାନ୍ତି । ବଡ଼ ବଡ଼ ସଭ୍ୟଦେଶମାନଙ୍କରେ ଲୋକେ ମହାଜନମାନଙ୍କୁ ଭକ୍ତି କରିବାକୁ ଶିଖି ଅଛନ୍ତି । ଆମ୍ଭମାନଙ୍କର ମଧ୍ୟ ସେହି ଦେଶମାନଙ୍କର ଅନୁକରଣରେ ମହାଜନମାନଙ୍କ ପ୍ରତି ଭକ୍ତି ଶିକ୍ଷା କରିବା ଉଚିତ । ଏହା ନ କଲେ ସେମାନଙ୍କ ପ୍ରତି ଅମ୍ଭମାନଙ୍କର କର୍ତ୍ତବ୍ୟର ତ୍ରୁଟି ହେବ । ମୁଁ ଦେଖୁଅଛି ଯେ ଆଜିକାଲି ଛାତ୍ରମାନଙ୍କର ଭକ୍ତି କିଛି ଊଣା ହୋଇଯାଇଅଛି । ପୂର୍ବେ ଛାତ୍ରମାନେ ଗୁରୁଜନ ପ୍ରତି ଯେପରି ଭକ୍ତି କରୁଥିଲେ, ଆଜିକାଲି ଛାତ୍ରମାନଙ୍କଠାରେ ତାହା ଦେଖା ଯାଉ ନାହିଁ କିମ୍ବା ସେହି ପରିମାଣରେ ଦେଖା ଯାଉ ନାହିଁ । କିନ୍ତୁ ଏହା ସୁଲକ୍ଷଣ ନୁହେ । ଯାହାଠାରେ ଯେପରି ଭକ୍ତି ପ୍ରୀତି ପ୍ରଭୃତି ଅର୍ପଣ କରିବା କର୍ତ୍ତବ୍ୟ ଅମ୍ଭମାନଙ୍କର ଉଚିତ ଯେ ସେମାନଙ୍କଠାରେ ସେହିପରି ଅର୍ପଣ କରନ୍ତୁ । ଶିକ୍ଷକମାନଙ୍କର ଉଚିତ ଯେ ସେମାନେ ବାଳକଙ୍କୁ ତାହା କରିବାକୁ ଶିକ୍ଷା ଦେବେ । ସ୍ୱର୍ଗୀୟ ରାୟବାହାଦୂର ଅମ୍ଭମାନଙ୍କର ଭକ୍ତିର ପାତ୍ର । ତାହାଙ୍କ ଜୀବନରୁ କୌଣସି ମହତ୍ ଶିକ୍ଷାଲାଭ କରିଯାଏ, ତାହା ସୌଭାଗ୍ୟ ! ରାୟ ବାହାଦୂର କ୍ଷମା-ନମ୍ରତାର ଆଧାର ଥିଲେ । ତାହାଙ୍କ ମୃତ୍ୟୁରେ ଉତ୍କଳର ଯେଉଁ କ୍ଷତି ହୋଇଅଛି, ତାହା ଉପଲବ୍ଧି କରି ସେଥିନିମନ୍ତେ ଦୁଃଖ ପ୍ରକାଶ କରିବା ଆଜି ଅମ୍ଭମାନଙ୍କର ଏହି ଅଧିବେଶନର କର୍ତ୍ତବ୍ୟ ।

୨ । ତତ୍ପରେ ବାବୁ ବିଶ୍ୱନାଥ କର କହିଲେ କି—ସ୍ୱର୍ଗୀୟ ରାୟ ନନ୍ଦକିଶୋର ଦାସ ବାହାଦୂର ଉତ୍କଳର ସମସ୍ତଙ୍କଠାରେ ସୁପରିଚିତ । ଉତ୍କଳର ପ୍ରତ୍ୟେକ ଗୃହରେ ତାଙ୍କୁ ନ ଜାଣେ ଏପରି କେହି ନାହିଁ । ଅମ୍ଭେମାନେ ଆଜି ସମବେତଭାବରେ ଅମ୍ଭମାନଙ୍କର ଶୋକ ପ୍ରକାଶ କରିବା ନିମନ୍ତେ ଏଠାରେ ଏକତ୍ରିତ ହୋଇଅଛୁଁ, କିନ୍ତୁ ଯେଉଁ ସମୟରେ ପ୍ରଥମେ ଏହି ନଗରରେ ତାଙ୍କର ଦାରୁଣ ମୃତ୍ୟୁସମ୍ବାଦ ପ୍ରଚାରିତ ହେଲା । ସେହି ସମୟରୁ ଅମ୍ଭମାନଙ୍କର ପ୍ରତ୍ୟେକଙ୍କ ମନରେ ଶୋକ ଜାତ ହୋଇଅଛି । ତାଙ୍କ ବିୟୋଗରେ କେବଳ ଯେ ତାଙ୍କର ପରିବାରବର୍ଗ ଶୋକାକୁଳ ଏମନ୍ତ ନୁହେ । ଉତ୍କଳର ପ୍ରତ୍ୟେକ ନର ନାରୀ ଉତ୍କଳର ପ୍ରତ୍ୟେକ ହୃଦୟ ସେହି ଶୋକ ଅନୁଭବ କରୁଅଛି । ରାୟ ବାହାଦୂର ଉତ୍କଳର ଏକ ସୁପୁତ୍ର ଥିଲେ । ଅନ୍ୟାନ୍ୟ ଜାତିର କାର୍ଯ୍ୟପ୍ରଣାଳୀରେ ଦେଖାଯାଏ ଯେ ସେମାନଙ୍କ ଦେଶର ସୁପୁତ୍ରମାନଙ୍କୁ ସେମାନେ ଆଦର କରିବାକୁ ଶିଖିଅଛନ୍ତି । ଅମ୍ଭମାନଙ୍କର ଉଚିତ ଯେ ଅମ୍ଭେମାନେ ଏହି ଉତ୍କଳଭୂମିର ସୁପୁତ୍ରମାନଙ୍କୁ ଆଦର କରିବାକୁ ଶିଖିବା ।

ଏହା କହି ବାବୁ ବିଶ୍ୱନାଥବାବୁ ନିମ୍ନଲିଖିତ ମତେ ପ୍ରଥମ ନିର୍ଦ୍ଧାରଣ ସଭାରେ ଉପସ୍ଥାପିତ କଲେ ।

୩ । ରାୟ ନନ୍ଦକିଶୋର ଦାସ ବାହାଦୂରଙ୍କ ଅକାଳମୃତ୍ୟୁରେ ଉତ୍କଳର ଯେଉଁ ଅପ୍ରତିକାର୍ଯ୍ୟ କ୍ଷତି ହୋଇଅଛି, ତାହା ଉପଲବ୍ଧି କରି ଏହି ସଭା ଦୁଃଖ ପ୍ରକାଶ କରୁଅଛନ୍ତି ଏବଂ ତାଙ୍କ ପରିବାରବର୍ଗଙ୍କୁ ଦୁଃଖ ପ୍ରକାଶକ ପତ୍ର ପ୍ରେରଣ କରିବା ନିମନ୍ତେ ନିର୍ଦ୍ଧାରଣ କରୁଅଛନ୍ତି ।

୪ । ବାବୁ ଚନ୍ଦ୍ରମୋହନ ମହାନ୍ତି ଏହି ପ୍ରସ୍ତାବର ପୋଷକତା କଲେ ।

୫ । ଅନନ୍ତର ବାବୁ ଗଦାଧର ବିଶ୍ୱାଳ ମହାଶୟ ନିମ୍ନଲିଖିତମତେ ଦ୍ୱିତୀୟ ନିର୍ଦ୍ଧାରଣ ସଭାରେ ଉପସ୍ଥିତ କଲେ ରାୟ ବାହାଦୂରଙ୍କର ନାମ ସ୍ମରଣୀୟ କରିବା ନିମନ୍ତେ କୀର୍ତ୍ତିସ୍ଥାପନାର୍ଥ କୌଣସି ସାଧାରଣ ଉଦ୍ୟମ ଅନୁଷ୍ଠିତ ହେଲେ, ଏହି ସଭା ସେଥିସଙ୍ଗେ ଉଦ୍ୟମ୍ଭ ସହିତ ମନ୍ଦ

Digitized by srujanika@gmail.com

Split by PDF Splitter



ଯୋଗିତା ହେବା ନିମିତ୍ତ ପ୍ରସ୍ତୁତ ଅଛନ୍ତି, ଏବଂ ନିମ୍ନଲିଖିତ ସଭ୍ୟମାନଙ୍କ ସାଧାରଣ ଉଦ୍ୟମ ସହିତ ଯୋଗଦାନ ନିମିତ୍ତ ଆପଣାର ପ୍ରତିନିଧି ନିଯୁକ୍ତ କରୁଅଛନ୍ତି।

ଶ୍ରୀଯୁକ୍ତ ବାବୁ ମଧୁସୂଦନ ରାଓ

" ଗଦାଧର ତ୍ରିପାଠୀ ବାବୁ ହରେକୃଷ୍ଣ ଶତପଥୀ

" ଜଗନ୍ନାଥ କର ବାବୁ ଚନ୍ଦ୍ରମୋହନ ମହାରଣା

୬। ବାବୁ ହରେକୃଷ୍ଣ ଶତପଥୀ ଏହି ନିର୍ଦ୍ଧାରଣର ପୋଷକତା କରି କହିଲେ ଯେ :— ସ୍ୱର୍ଗୀୟ ଜନକକିଶୋର ଦାସ ବାହାଦୁର ଅମ୍ଭମାନଙ୍କଠାରେ ସୁପରିଚିତ ଥିଲେ। ସେ ପୁରୁଷୋତ୍ତମରେ ଯାତ୍ରା ଥିଲେ, ପୁଣି ସେହିଠାରେ ବଦଳି ହେଲେ। ସୁଟେନଷ୍ଟା ସାହେବ ଗବର୍ଣ୍ଣମେଣ୍ଟଙ୍କୁ ରିପୋର୍ଟ କରି ତାଙ୍କୁ ଡେପୁଟୀ କରାଇଲେ। ସେକର୍ମ ବନ୍ଦୋବସ୍ତ କରି ନିସ୍ତାରୁ ସେ ସ୍କୁଲ-ସମୂହର ଡେପୁଟି ଇନସ୍ପେକ୍ଟର ହେଲେ। ତହିଁ ଏଣ୍ଟ୍ରେନ୍ସ ପାସ କରି (ବାଲେଶ୍ୱର ଓ ପୁରୀ) ଜିଲାସ୍କୁଲର ଭାର ପାଇଥିଲେ। ଯେତେ ସମୟ ବଢ଼ୁଥାଉନ୍ତୁ, ଡେପୁଟୀଙ୍କ ଯୁଗ ଥିଲେ ଡେପୁଟୀ ହେଲେ, ଏଥିରେ ବାହାଦୁରୀ କଅଣ? ତାହା ନୁହେଁ, ଯୋଗ୍ୟତାରୁ ସେ ତାଙ୍କ ପଦ ପାଇଥିଲେ। ତାଙ୍କର ଶୋଟିଏ ମହତ୍‌ଗୁଣ ଏହି ଥିଲା ଯେ କୋଉଏଣ୍ଟଙ୍କ ବେତନ ପାଇ ସେପଦ ଥିଲେ, ଡେପୁଟୀ ହୋଇ ମଧ୍ୟ ତାଙ୍କ ମନ ସେହିପରି ଥିଲା। ତାଙ୍କଠାରେ ଗର୍ବ ଅହଂକାର ନ ଥିଲା। ସମସ୍ତେ ତାଙ୍କର ପଦ ହେବାରୁ ଶିକ୍ଷା କର, ଅବଶ୍ୟ ମାନ୍ୟ, ଗଣ୍ୟ, ଧନ୍ୟ ଓ ପ୍ରଶଂସନୀୟ ହେବ।

୭। ଭଦ୍ରକନ୍ତର ବାବୁ ଶ୍ୟାମସୁନ୍ଦର ରାଓ କହିଲେ ଯେ :—ମହାକବି କାଳିଦାସ ଏକସ୍ଥାନରେ ଲେଖି ଅଛନ୍ତି, "ନ ରତ୍ନ ମନ୍ୱିଷ୍ୟତେ ମୃଗ୍ୟତେ ହି ତତ୍" ଅର୍ଥାତ୍ ରତ୍ନ କାହାର ଅନ୍ୱେଷଣ କରେ ନା, ରତ୍ନକୁ ସମସ୍ତେ ଅନ୍ୱେଷଣ କରନ୍ତି। ସ୍ୱର୍ଗୀୟ ରାୟ ଜନକକିଶୋର ଦାସ ବାହାଦୁର ଏହାର ନିଦର୍ଶନ। ଗବର୍ଣ୍ଣମେଣ୍ଟ ଏହାଙ୍କର ଗୁଣ ଦେଖି ଏହାଙ୍କର ଜନ୍ମଗୋତ୍ରର ଉନ୍ନତି ଚାହାନ ଦେଇଥିଲେ, ସାମାନ୍ୟପଦରୁ ଉଚ୍ଚ ସ୍ଥାନରେ ବସାଇଥିଲେ। ଯେତେ ଦିନ-ଥାଉନ୍ତୁ ରାୟ ବାହାଦୁର ଅମ୍ଭମାନଙ୍କର କଥଣ ଉପକାର କରିଥିଲେ ଯେ ଅମ୍ଭେମାନେ ତାହାଙ୍କଠାରେ କୃତଜ୍ଞ ରହିବୁ। ରାୟ ଜନକକିଶୋର ଜାହାନ୍ତି। ସ୍ୱର୍ଗୀୟ ଜନକକିଶୋର ପ୍ରଶଂସାଳାପରେ ଅମ୍ଭମାନଙ୍କର ଉପକାର ବର୍ଦ୍ଧନ ଧାରଣେ ଯୁବା ଉତ୍ସାହ-ଲାଭ କରୁଅଛନ୍ତି। ଯେତେବେଳେ 'ନରର ନରତ୍ୱ ନ ହେବ ଲୁଚା ଅଛି' ଅନୁରୂପ ନରତ୍ୱ ନ ହେବାକୁ ହତାଶ ହୋଇ ପଡ଼ିବୁଁ, ସେତେବେଳେ ସ୍ୱର୍ଗୀୟ ରାୟ ବାହାଦୁରଙ୍କୁ ସ୍ମରଣ କଲେ ମନରେ ଏହି ଭାବ ଜାତ ହେବ ଯେ ମନୁଷ୍ୟ ନିଜର ଭାଗ୍ୟର କର୍ତ୍ତା, ନିଜର ଉନ୍ନତି କାମନା ନିଜେ କଲେ ଅବଶ୍ୟ ଉନ୍ନତ ହେବ। ରାୟ ବାହାଦୁର ଚେଷ୍ଟା କରି କାରୁ ସାମାନ୍ୟ ପଦରୁ ଉଚ୍ଚପଦକୁ ଉଠିଥିଲେ। ରାୟ ବାହାଦୁର ଅମ୍ଭମାନଙ୍କର ଓଡ଼ିଶାର ଜାତିର ସମସ୍ତ ପରିଚିତ ଲୋକମାନଙ୍କର ବନ୍ଧୁ ଥିଲେ। ବନ୍ଧୁର ଆନନ୍ଦରେ ହୃଦୟ ଆନନ୍ଦିତ ଓ ଦୁଃଖରେ ଦୁଃଖିତ ହୁଏ; ତାହାଙ୍କର ମୃତ୍ୟୁସମ୍ବାଦରେ ଯେତେବେଳେ ସାନ ବଡ଼ ସମସ୍ତେ ହାହାକାର କରୁଅଛନ୍ତି, ସେତେବେଳେ ବୁଝିବାକୁ ହେବ, ସେ ବନ୍ଧୁଭାବରେ ଅମ୍ଭମାନଙ୍କୁ ଦେଖୁ ନ ଥିଲେ ଏପରି କୁଆଡ଼ା ନାହିଁ। ପ୍ରତ୍ୟେକ ମନୁଷ୍ୟଜାତିର ପ୍ରଧାନ ଲକ୍ଷଣ ମୃତପ୍ରତି ସମ୍ମାନ ପ୍ରଦର୍ଶନ। ଏଂ ସମୟରେ ଅମ୍ଭମାନଙ୍କ ଦେଶ ଅପେକ୍ଷା ପାଶ୍ଚାତ୍ୟ ଦେଶମାନ ଶ୍ରେଷ୍ଠ। ଅନ୍ତଃକରଣ ଭଲେ କୋଟିଏ ଟଙ୍କା ବ୍ୟୟ କରି ଓଡ଼ିଶା ଦେଶ ଉନ୍ନତି ହୋଇଥିଲା ମୃତ ହେଲା, ସମସ୍ତ ଲୋକ ସେହି ସମୟରେ ଶୋକାକୁଳ ହୋଇଥିଲେ, ପୂଜା ଦ୍ୱାରା ସମସ୍ତ ଲୋକ ତାଙ୍କ ସମାଧିକୁ ପୂଜା କରୁଅଛନ୍ତି। ଅମ୍ଭମାନଙ୍କର ଦେଶର ସ୍ୱର୍ଗୀୟ ରାୟ ଜନକକିଶୋର ଦାସ ବାହାଦୁର ଯେପରି ଅମ୍ଭମାନଙ୍କ ହୃଦୟରେ ଜାଗରୂକ ରହନ୍ତି ତାହାର ବିଧାନ କରିବା।

ଏହା କହି ବାବୁ ଶ୍ୟାମସୁନ୍ଦର ନିଜ ଉତ୍ଥାପିତ ମତେ ତୃତୀୟ ନିର୍ଦ୍ଧାରଣ ସଭାରେ ଉପସ୍ଥାପିତ କଲେ।—

୮। ଏହି ସଭାର ଏହି ବିଶେଷ ଅଧିବେଶନର କାର୍ଯ୍ୟାବଳୀର ପ୍ରତିଲିପି ସ୍ୱର୍ଗୀୟଙ୍କ କଟକ, ସମ୍ବଲପୁର, ଓ ବାଲେଶ୍ୱରର ସମ୍ବାଦପତ୍ରମାନଙ୍କୁ ପ୍ରେରଣ କରାଯାଉ।

୯। ବାବୁ ଜଗବନ୍ଧୁ ପାଲିତ ଏହି ନିର୍ଦ୍ଧାରଣର ପୋଷକତା କଲେ।

୧୦। ସଭାଶେଷରେ ବାବୁ ଚନ୍ଦ୍ରମୋହନ ମହାରଣା ନିମ୍ନଲିଖିତମତେ ଚତୁର୍ଥ ନିର୍ଦ୍ଧାରଣ ସଭାରେ ଉପସ୍ଥାପିତ କଲେ।—

ସଭାପତିଙ୍କୁ ସଭାର ମହୋଦୟଙ୍କୁ ମୁଁ ସଭାର ଧନ୍ୟବାଦ ଅର୍ପଣ କରୁଅଛୁ।

୧୧। ବାବୁ ଜଗନ୍ନାଥ କର ଏହି ନିର୍ଦ୍ଧାରଣର ପୋଷକତା କଲେ।

କଟକ } ଶ୍ରୀଚନ୍ଦ୍ରମୋହନ ମହାରଣା
୧୮।୪।୯୪ } ଅବୈତନିକ ସଭାର ସମ୍ପାଦକ

## ମୂଲ୍ୟପ୍ରାପ୍ତି।

| | | |
|---|---|---|
| ଶ୍ରୀ ବାବୁ ମଧୁସୂଦନ ସରକାର ଡେପୁଟୀ ଇନସ୍ପେକ୍ଟର | | ୫ ୦ ୧ |
| ପାଠକ ବାବୁ। ଡେ। କଲେକ୍ଟର ଶାହାପୁର | | ୫ ୧ ୧ |
| ଶିବାନ୍ଦର ଶୁଦ୍ଧ ମୋହନ | ଭଣ୍ଡିତ | ୫ ୦ ୧ |
| ବାସୁଦେବ ମହାପାତ୍ର | ଢେଙ୍କାନାଳ | ୫ ୦ ୧ |
| ହରେକୃଷ୍ଣ ସାମନ୍ତ। ଡେ। ପୁଲିସ | ସାହେବପୁର | ୫ ୨ ୧ |
| ସୁଦର୍ଶନ ମହାପାତ୍ର ନିର୍ଭାକ | ଲକ୍ଷ୍ମଣପୁର | ୫ ୨ ୧ |
| ଉତ୍କଳାନ୍ତ ଦାସ | କଟକ | ୫ ୧ ୧ |
| ଜଗମୋହନ ଦାସ | " | ୫ ୦ ୧ |
| କାଳୀପଦ ବାନାର୍ଜୀ | " | ୫ ୦ ୧ |
| ବନମାଳୀ ସାମନ୍ତ | ଭୁବନେଶ୍ୱର | ୫ ୪ ୧ |

# ବିଜ୍ଞାପନ।

ସଦର ଲୋକେଲ ବୋର୍ଡ଼ ଅଫିସ
କଟକ

ଯେହେତୁ ଏ ସଦର ସବଡିଭିଜନ ଅନ୍ତର୍ଗତ ନିମ୍ନଲିଖିତ ଥାନା ମଧ୍ୟସ୍ଥିତ ପାଉଣ୍ଡ ସନ ୧୮-୯୪-୯୫ ସାଲ ସକାଶ ତହର ସନ ଆଗାମୀ ମଇ ମାସ ତା ୪ ରଖ ମୁତାବକ ବୈଶାଖ ମାସ ତା ୨୩ ର ଶୁକ୍ରବାର ବେଳଦ ୧୦ଟା ସମୟରେ କଟକ ଲୋକେଲ ବୋର୍ଡ଼ ଅଫିସରେ ଶ୍ରୀଯୁକ୍ତ ଡେପୁଟୀ ମେନ ବାହାଦୁରଙ୍କ ହଜୁରରେ ପ୍ରକାଶ୍ୟ ଡାକ ନିଲାମ ଦ୍ୱାରା ଇଜାରା ବନ୍ଦୋବସ୍ତ ହୋଇବ।

ଅତଏବ ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ଯେଉଁମାନେ ତାହା ନିଲାମରେ ଇଜାରା ନେବାକୁ ଇଚ୍ଛା କରନ୍ତି ସେମାନେ ନିରୂପିତ ତାରିଖରେ ଉକ୍ତ ସ୍ଥାନରେ ଉପସ୍ଥିତ ହୋଇ ଡାକ ନିଲାମରେ ଇଜାରା ନେଇ ପାରିବେ ଏବଂ ନିଲାମ ସ୍ଥଗିତ ତତ୍‌କ୍ଷଣାତ୍ ଜାମିନ ଜରିଆ ନଗଦ ଏକ ଚତୁର୍ଥାଂଶ ଜାମିନ ସ୍ୱରୂପ ଅବିଳମ୍ବେ ଦାଖଲ କରିବେ। ନିଲାମ-ସମ୍ବନ୍ଧୀୟ କୌଣସି ସମ୍ବାଦ ବୁଝିବାକୁ ଆବଶ୍ୟକ ହେଲେ ସଦର ଲୋକେଲ ବୋର୍ଡ଼ରେ, ହାଜର ହୋଇ ବୁଝିପାରିବେ, ଇତି

ଥାନା ତ୍ରିଗୋଳ
ନଷ୍ଟପଟ୍ଟଣା ପାଉଣ୍ଡ—

କଟକ ସଦର ଲୋକେଲ } J. Chunder.
ବୋର୍ଡ଼ ଅଫିସ ତା ୧୨ ରଖ } Chairman.
ଏପ୍ରେଲ ସନ ୧୮- }
୯୪ ସାଲ } Sudder Local Board.

NOTICE.

*A COMPLETE KEY*

( Containing English and Uriya meanings of all difficult words, explanations of phrases and sentences that are very likely to be asked in the Examination, all sorts of allusions Grammatical niceties, parsing &c. )

Digitized by srujanika@gmail.com

Split by PDF Splitter



To
Lethbridge's Easy Selections
( Minor course 1895 )
BY
AKSHOY KUMAR GHOSE
AND
HARA CHAND GHOSH
in the press
Price to subscribers Rs. 0—12—0
Do. to Non-subscribers Re. 1— 0—0
Postage one anna extra for moffasul.
Subscriptions will be received strictly in advance by the Secretary Printing Company Cuttack till the end of May next.

## ବିଜ୍ଞାପନ

କଟକ ଜିଲ୍ଲାର ନୂତନ ସମ୍ବ ଭର୍ଣ୍ଣାକ୍ୟୁଲର ସ୍କୁଲ ନିମନ୍ତେ ମାସିକ ଟ ୧୮ ଙ୍କା ବେତନରେ ଏକ ଜଣ ପଣ୍ଡିତ ଆବଶ୍ୟକ ଯେଉଁମାନେ ଉଚ୍ଚଶ୍ରେଣୀ ମଧ୍ୟଇଂରାଜୀ ଶେଷ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଅଧ୍ୟାପନ କାର୍ଯ୍ୟରେ ଦକ୍ଷତା ଲାଭ କରିଅଛନ୍ତି ସେମାନଙ୍କର ଆବେଦନ ଆଦରଣୀୟ ହେବ—କାର୍ଯ୍ୟପ୍ରାର୍ଥୀମାନେ ସ୍ୱୀୟ ପ୍ରଶଂସାପତ୍ର ଅବଲିପି ସହିତ ନିମ୍ନସ୍ୱାକ୍ଷରକାରଙ୍କ ନିକଟକୁ ଆଗତ ଅପ୍ରେଲ ମାସ ତା ୩୦ ରିଖ ମଧ୍ୟରେ ଆବେଦନ ପତ୍ର ପ୍ରେରଣ କରିବେ ପଣ୍ଡିତମହାଶୟଙ୍କର କାର୍ଯ୍ୟଭାର ଇଷ୍ଟ୍ରୋଟରୁ ଦଖଲି-ହବ ।

ଶ୍ରୀସଙ୍ଖାଜିତ ହୋସେନ
ମ୍ୟାନେଜର କନିକା କଟକ
ପୋ : ଅ : ଖଞ୍ଜା—କଟକ

## ଭାରତରେ ନୂତନପ୍ରତିଷ୍ଠା ।

The Ayurvedic medicine manufacturing Company Ld. Kulna, Bengal.

ଦି ଆୟୁର୍ବେଦିକ ମେଡ଼ିସିନ ମ୍ୟାନୁଫ୍ୟାକ୍ଚରିଂ କୋମ୍ପାନୀ ଅବ୍ ଇଣ୍ଡିଆ ଲିମିଟେଡ୍ ।
କାଲନା, ବେଙ୍ଗାଲ ।

ବର୍ତ୍ତମାନ ଏହି କୋମ୍ପାନୀ କାଲନା ନଗରରେ ରେଜଷ୍ଟ୍ରୀକୃତ କାର୍ଯ୍ୟାଳୟ "ଦଆୟୁର୍ବେଦୀ ଫାର୍ମେସି ଅବ୍ ଇଣ୍ଡିଆ" ହୋଇ ଆୟୁର୍ବେଦୋକ୍ତ ଯାବତୀୟ ତୈଳ, ଘୃତ, ମୋଦକ, ଅରିଷ୍ଟ, ଚୂର୍ଣ୍ଣ ଓ ବଟିକାଦି ଶାସ୍ତ୍ରୀୟ ଔଷଧ ଏବଂ ଖାହ୍ମନ ପରୀକ୍ଷାଦ୍ୱାରା ଆବିଷ୍କୃତ "ଯୌବନ କୁସୁମ" "ଜ୍ୱର-କୁଳାନ୍ତକ ବଟୀ" "ଜଳସ୍ତମ୍ଭକ ଚୂର୍ଣ୍ଣ" ପ୍ରଭୃତି ବର୍ତ୍ତମାନ ସମୟର ବିଶେଷୋପଯୋଗୀ ବହୁକାଳ ଔଷଧସକଳ ବହୁ ପରିମାଣରେ ପ୍ରସ୍ତୁତ କରି ସଦର ଓ ମଫସଲରେ ବିକ୍ରୟ କରୁଅଛନ୍ତି । ଶାସ୍ତ୍ରୀୟ ଔଷଧର ଶୁଦ୍ଧସାଧନ କରିବା କମ୍ପାନୀର ଉଦ୍ଦେଶ୍ୟ । ସମସ୍ତ ଚିକିତ୍ସା ଏବଂ ଔଷଧ ବିଷୟରେ ବହୁତ ରହିଲେ ଜ୍ଞାତ ହେବାର କଠିନ । ଏହି କମ୍ପାନୀ କେବଳ ଔଷଧ କର୍ମରେ ମନୋଯୋଗୀ ହୋଇ ଅଛନ୍ତି । ଏଥିରେ ଚିକିତ୍ସକ ଓ ରୋଗୀ ଉଭୟଙ୍କର ବିଶେଷ ଉପକାର ହେବ । ଯେଉଁମାନଙ୍କର ବିଶୁଦ୍ଧ ଔଷଧର ପ୍ରୟୋଜନ କୋମ୍ପାନୀର ପ୍ରସ୍ତୁତ ଔଷଧ ସେମାନଙ୍କର ନେବା ଉଚିତ ସାଧାରଣଙ୍କ ସୁବିଧା ନିମିତ୍ତ କୋମ୍ପାନୀର ଚିକିତ୍ସାବିଭାଗରୁ ବ୍ୟବସ୍ଥା ମଧ୍ୟ ଦିଆଯାଏ । କୋମ୍ପାନୀର ଔଷଧ ଗ୍ରହଣକଲେ ବିନାମୂଲ୍ୟରେ ବ୍ୟବସ୍ଥା ଦିଆଯାଏ । ବ୍ୟବସ୍ଥାପ୍ରାର୍ଥୀ ରୋଗର ଅନୁପୂର୍ବିକ ବୃତ୍ତାନ୍ତ ଲେଖି ପଠାଇବେ ।

ଅନ୍ୟାନ୍ୟ ଜ୍ଞାତବ୍ୟ ବିଷୟ କୋମ୍ପାନୀର ବିବରଣ ପତ୍ରଯାଉଁଥିବା ତାଲିକା ପୁସ୍ତକରୁ ଜଣାଯିବ । ତାଲିକା ପୁସ୍ତକ ଏବଂ ଔଷଧାଦନିମିତ୍ତ କୋମ୍ପାନୀର ସେକ୍ରେଟେରୀ ଏବଂ ମ୍ୟାନେଜରଙ୍କୁ ପତ୍ର ଲେଖିବାକୁ ହେବ ।

## ଶ୍ରୀମଦ୍‌ଭଗବଦ୍‌ଗୀତା ।

ଦ୍ୱିତୀୟସଂସ୍କରଣ ।

ନୂତନ ଟୀକା ଓ ସରଳ ଭାଷାନୁବାଦସହିତ ମୁଦ୍ରିତ ହୋଇ କଟକ ପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ବିକ୍ରୟାର୍ଥ ପ୍ରସ୍ତୁତ ଅଛି । ମୂଲ୍ୟ ପୂର୍ବପ୍ରାୟ ଅଠଅଣା ଓ ମୋଫସଲକୁ ଡାକମାଶୁଲ ଦୁଇପଇସା ।

ଶ୍ରୀସମଶଙ୍କରଦାସ୍ ।

## ସ୍ୱପ୍ନରେ ପ୍ରାପ୍ତ ।

## ବୈଦ୍ୟନାଥ ଦେବଙ୍କ କବଚ ।

ଅବ୍ୟର୍ଥ ରୋଗନାଶକ ତାବିଜ ।

ଦୁଃସାଧ୍ୟ ବ୍ୟାଧିମାନଙ୍କର ମୁକ୍ତିଲାଭର ଏକମାତ୍ର ଉପାୟ । ପ୍ରବଞ୍ଚନା ବା ଅର୍ଥ ଉପାର୍ଜନ କରିବାର ଆମ୍ଭର ଉଦ୍ଦେଶ୍ୟ ନୁହେ। କେବଳ ହିତସାଧନ କର୍ତ୍ତବ୍ୟ ମନେକରି ପ୍ରଚାର କରୁଁ ।

ଯଥା ନିୟମରେ ଏହି ତାବିଜ ଧାରଣ କଲେ, ସନ୍ନିପାତ ଜ୍ୱର, ଧବଳବଣ୍ଠ, ଶୂଳ, ଶିରଃପୀଡ଼ା, ଧନିବାଧ ଅମ୍ଳପିତ୍ତ, ସୁତିକାଜ୍ୱର ଶିତଜ୍ୱର, ଉନ୍ମାଦରୋଗ, ଶ୍ୱାସ, ପ୍ଲୀହ, ଯକୃତ, କାଶ ଓ ଗଳଗଣ୍ଡ, ଅର୍ଶ, ଭଗନ୍ଦର, ବହୁମୂତ୍ର, ମୂତ୍ରକୃଚ୍ଛ୍ର, ପ୍ରମେହ, ଓ ଉପଦଂଶ, ପାରଦ ଉପଦଂଶସଂଶ୍ଲିଷ୍ଟ ବ୍ୟାଧି, ଶୋଥ, ଗୁଳ୍ମ, ଗଳଗଣ୍ଡ, ଏପିଲେପ୍ସି, ହିଷ୍ଟିରିଆ, ପକ୍ଷାଘାତ ପ୍ରଭୃତି ଉତ୍କଟ ରୋଗ, ସ୍ତ୍ରୀରୋଗମାନଙ୍କର ଶ୍ୱେତପ୍ରଦର, ରକ୍ତପ୍ରଦର, ବନ୍ଧ୍ୟତ୍ୱ, ବାଧକବେଦନା, ମୃତବତ୍ସା, ଅପସ୍ମାର (ମୂର୍ଚ୍ଛାରୋଗ) ପ୍ରଭୃତି ରୋଗ କଠିନ ରୋଗ ଓ ଅନେକ ହୋଇ ନ ପାରିବା ବ୍ୟାଧି, ବାବା ବୈଦ୍ୟନାଥଙ୍କ କୃପାରେ ସତ୍ୱର ଓ ନିଶ୍ଚୟ ଆରୋଗ୍ୟ ହୋଇଅଛନ୍ତି । ସ୍ତ୍ରୀଲୋକରେ ଇଚ୍ଛା ଯେଉଁମାନଙ୍କର ସେମାନେ ବାମହସ୍ତ ଓ ପୁରୁଷ ଦକ୍ଷିଣ ଯଥା

ନମ୍ବରରେ ତାବିଜ ପ୍ରସ୍ତୁତ କରିବାର ଦରଖ ବ୍ୟୟ ଓ କର୍ମଚାରୀମାନଙ୍କ ବେତନ ପ୍ରଭୃତି ବାବତରେ ଏକ ତାବିଜପାଇଁ ଟ ୧୮ ଅଣା ହିସାବରେ ପଠାଇ ଦେଲେ ବ୍ୟବସ୍ଥାପତ୍ର ସହିତ ତାବିଜ ପାଇ ପାରିବେ । ଯେଉଁମାନେ ସେହି ରୋଗ ନିମିତ୍ତ ତାବିଜ ଧାରଣ କରିବେ ତାଙ୍କର ନାମ ଓ ରୋଗର ନାମ ସ୍ପଷ୍ଟରୂପେ ଅବଶ୍ୟ ଲେଖିବେ ।

ଶ୍ରୀମତ୍ୟା ଯଶୋଦାମୟୀ ଦେବ୍ୟା ।
ଜନାଇ ପୁର, କଟକ ।

## ପ୍ରୟୋଜନୀୟ ପୁସ୍ତକ ।

ବିସୂଚିକା ଚିକିତ୍ସା ଓ ପଣକଥାମାଳିକା ଏକ୍ୟ ଅଣାରେ । ବସନ୍ତରୋଗ ଚିକିତ୍ସା ଓ ଧ୍ୟାନମାଳା ତିନି ପଇସା ମୂଲ୍ୟରେ ଗ୍ରନ୍ଥମାଳାର୍ଥ ଦୁଇପଇସା ମୂଲ୍ୟରେ ପ୍ରିଣ୍ଟିଂ କମ୍ପାନିଙ୍କ ପୁସ୍ତକଦୋକାନରେ ମିଳେ ।

## ସଂଗୀତସାର

## ନୂତନ ନୂତନ ନୂତନ

ସୁଲଭ ଉତ୍କଳ ସଙ୍ଗୀତ ପୁସ୍ତକ
ସଙ୍ଗୀତ ଶିକ୍ଷାର୍ଥୀଙ୍କ ଉପଯୋଗୀ ।
ମୂଲ୍ୟ ଟ ୦ ।୵ ଛଅଣା ମାତ୍ର ।

ଓଡ଼ିଆ ସଙ୍ଗୀତମାଳିକାରୁ କେତେକ ସାର ସଂଗୃହୀତ ହୋଇ ଏହି ନୂତନ ପୁସ୍ତକ ମୁଦ୍ରିତ ହୋଇଅଛି । ଏଥିରେ ନାନାପ୍ରକାର ସ୍ୱରର ଦକ୍ଷିଣୀ ଓ ଏପରି ସଙ୍ଗୀତ ସନ୍ନିବେଶିତ ହୋଇଅଛି । କଟକ ପ୍ରିଣ୍ଟିଂ କୋମ୍ପାନୀଙ୍କ ଯନ୍ତ୍ରାଳୟରେ ବିକ୍ରୟାର୍ଥେ ପ୍ରସ୍ତୁତ ଅଛି ।

## ତୃତୀୟପାଠର ବ୍ୟାଖ୍ୟା ।

ଏଥିରେ ଗ୍ରନ୍ଥାନ୍ତର୍ଗତ କଠିନ ଶବ୍ଦମାନଙ୍କର ଅର୍ଥ, ବ୍ୟୁତ୍ପତ୍ତି, ସମାସ ପ୍ରଭୃତି ଓ ଦୁର୍ବୋଧ ସ୍ଥଳମାନଙ୍କର ବିଶଦ ବର୍ଣ୍ଣନା ଏବଂ ଐତିହାସିକ ଓ ଭୌଗୋଳିକ ବିବରଣ ସନ୍ନିବେଶିତ ହୋଇଅଛି । ଉଚ୍ଚପ୍ରାଇମେରୀ ସ୍କୁଲର ପ୍ରଥମଶ୍ରେଣୀର ଶିକ୍ଷକମାନଙ୍କ ଓ ଶିକ୍ଷକବୃତ୍ତି ସ୍କୁଲର ତୃତୀୟଶ୍ରେଣୀର ଛାତ୍ରମାନଙ୍କ ପକ୍ଷରେ ଏ ପୁସ୍ତକ ଅତୀବ ପ୍ରୟୋଜନୀୟ । ଅନେକ ଶିକ୍ଷକ ମଧ୍ୟ ଏଥିରୁ ସାହାଯ୍ୟ ପାଇ ପାରିବେ । ମୂଲ୍ୟ ଚାରିଅଣା । କଟକ ଦରଘାବଜାର ପ୍ରିଣ୍ଟିଂକମ୍ପାନିଙ୍କ ଶାଖାଦୋକାନରେ ବିକ୍ରୟ ହେଉଅଛି ।

## ଶୀଘ୍ର ନିଅ ! ନିଅ ! ନିଅ !!

ଆମ୍ଭ ପ୍ରଣୀତ ଓ ପ୍ରକାଶିତ ପୁସ୍ତକମାନ କଟକ ପ୍ରିଣ୍ଟିଂକମ୍ପାନିଙ୍କ ଓ ବାବୁ ରାମଚନ୍ଦ୍ର ମୁଖୋପାଧ୍ୟାୟଙ୍କ ଦୋକାନରେ ପୂର୍ବାପେକ୍ଷା ଊଣ ମୂଲ୍ୟରେ କିଛିଦିନ ସକାଶେ ବିକ୍ରୟ ହେବ

Digitized by srujanika@gmail.com

Split by PDF Splitter



ହୋଇଅଛୁ । ଆଶା କରୁଁ ଗ୍ରାହକମାନେ ଏ ସୁବିଧା ଛାଡ଼ିବେ ନାହିଁ ।

ବର୍ଣ୍ଣବୋଧ ବର୍ଣ୍ଣିକା ( ଶ୍ରୀମତୀ ସୁଲକ୍ଷଣା ଦେବୀ ପ୍ରଣୀତ ) ଟ ୦ ୯୧

ସ୍ୱାସ୍ଥ୍ୟଲେଖା (ଜୁଲେଜ୍ ବଞ୍ଚ ପ୍ରଣୀତ) ଟ ୦।୶

ସଙ୍ଗୀତ ସାଗର ପ୍ରଥମ ତରଙ୍ଗ ଟ ୦ ୶

ଏଭଳ ଦ୍ୱିତୀୟ ଏଭଳ ଟ ୦ ୶

ଏଭଳ ତୃତୀୟ ଏଭଳ ଟ ୦ ୶

ଏଭଳ ଚତୁର୍ଥ ଏଭଳ ଟ ୦ ୶

ଶ୍ରୀକଳତନ୍ତ୍ର ଟ ୦ /

କବିତାସ ସେତୁ ଟ ୦ /

କଟକ ୨୭।୩।୯୪ } ଶ୍ରୀ ଦାମୋଦର ପଟ୍ଟନାୟକ


# New School Books.

JUST TO HAND.

Webb's Two hundred questions on Grammar and Idiom with Answers.

Webb's Keys to English Entrance Course for 1892 and 1893.

S. P. Ghosh's Key to English-Entrance Course for 1894.

Chambers' Etymol. Dictionary

Webb's Condensed Dictionary.

Webb's International Do.

Whitehall Drawing Copy Books.

R. C. Dutt's History of India.

Catechism of History of India.

Buckley's History of England.

K. P. Basu's Algebra.

Royal Readers No. I to IV.

Manual of Geography.

Wall-maps and Atlases.

To be had of the Secretary, Printing Company, Durgha Bazar, Cuttack.

## ଲୁଗା ଓ ନାନାଦ୍ରବ୍ୟର ଦୋକାନ ।

ଏହି ସହର କଟକ ଚୌଧୁରୀବଜାର ଶ୍ରୀଯୁତ ବାବୁ ଗୌରୀଶଙ୍କର ରାୟଙ୍କ ବସା ସଲଗ୍ନରେ ଆମ୍ଭମାନଙ୍କର ଦୋକାନରେ ଚନ୍ଦ୍ରକୋଣା, ଢାକା, ରେଶମୀ ଓ ରେଲ ଲୁଗା ଓ ଅନ୍ୟାନ୍ୟ ପ୍ରୟୋଜନୀୟ ଦ୍ରବ୍ୟ ଅତି ସୁଲଭ ଏବଂ ଏତ ନିଶ୍ଚିତ ଦରରେ ବିକ୍ରୟ ହେଉଅଛି । ପ୍ରତ୍ୟେକ ଲୁଗାର ଖରଚ ଦର ସେହି ଲୁଗା ଉପରେ ଲେଖା ଅଛି ଏବଂ ଗ୍ରାହକମାନଙ୍କ ପ-

ଷରେ ଏହା ବଡ଼ ସୁବିଧା । ସେହେତୁ ଦରଦାମ କରିବାର ଆବଶ୍ୟକତା ନାହିଁ । କେବଳ ଦାମ ଦେଖି ଯହିଁ ଉପରେ ମନଖୁସି ତହିଁ ମୂଲ୍ୟ ଦେଲେ ଲୁଗା ନେଇ ପାରିବେ । ସମସ୍ତ ଗ୍ରାହକଙ୍କ ପକ୍ଷରେ ଏକଦର ହୋଇଥିବାରୁ ଅଧିକ ବା ଊଣା ହୋଇ ପାରେ ନାହିଁ ।

ଅନ୍ୟାନ୍ୟ ଦ୍ରବ୍ୟ ମଧ୍ୟରୁ କେତେକ ଦ୍ରବ୍ୟର ନାମ ଓ ମୂଲ୍ୟ ନିମ୍ନେ ଲେଖା ଗଲା । ଗ୍ରାହକମାନେ ଜିନିଷ ଦେଖି ବଜାର ସଙ୍ଗେ ମିଶାଇଲେ ପ୍ରତ୍ୟକ୍ଷ ଦେଖିବେ ଯେ ଆମ୍ଭମାନଙ୍କର ମୂଲ୍ୟ ଯଥାସମ୍ଭବ ଅଳ୍ପ ଅଛି ।

ନଗଦ ମୂଲ୍ୟରେ ମୋଫସଲରୁ ଡାକଯୋଗେ ଦ୍ରବ୍ୟ ପଠାଯାଏ ଏବଂ ଟଙ୍କା ପ୍ରତି ଅନ୍ୟୂନ ଦୁଇଅଣା ଅଗ୍ରିମ ପଠାଇଲେ ଭେଲ୍ୟୁପେଏବଲ ଡାକଯୋଗେ ଦ୍ରବ୍ୟ ପଠାଇବାକୁ ପ୍ରସ୍ତୁତ ଅଛୁଁ ।

## ଜିନିଷ ।

| ଜିନିଷର ନାମ | ମୂଲ୍ୟ |
|---|---|
| ଅଣ୍ଟମେଣ୍ଟ ପେନସିଲ | ଗ୍ରୋ ୧ ଟ ୦ ।୶ |
| ଲାଲ ଓ ନୀଳ ପେନସିଲ | ଗ୍ରୋ ୧ ଟ ୦ ୶୧ |
| ଓଡ଼ିଆ ପେନସିଲ | ଦ ୧ ଟ ୦ ୶ |
| ନକସା କାଗଜ | ଦ ୧ ଟ ୦ ୶ |
| ଷ୍ଟେସନେରି କାଗଜ ସଲ୍ଲା | ଦ ୧ ଟ ୦ ୶ |
| ଏଭଳ ଲୁଲବାଲା | ଦ ୧ ଟ ୦ ୶୨ |
| ଏଭଳ ଛୋଟ | ଦ ୧ ଟ ୦ ୶ |
| ଫାଉଣ୍ଟେନ୍‌ପେନର ଓ ଲଫାଫା | ଦ ୧ ଟ ୨ । |
| ଡାକକାଗଜ ସରୁ | ଦ ୧ ଟ ୦ ୶ |
| ଏଭଳ ମୋଟା | ଦ ୧ ଟ ୦ / |
| ଲଫାଫା ସରୁ ସ୍ୱ ୧୦୦ ଟ ୦ ୶ | ଗ୍ରୋ ୨ ଟ ୦ ୶ |
| ଏଭଳ ମଧ୍ୟମ ସ୍ୱ ୧୦୦ ଟ ୦ ୶ | ଗ୍ରୋ ୨ ଟ ୦ ୯ |
| ଚାଉକାଗଜ ୧୬ ପତି | ଦ ୧ ଟ ୦ ୶ |
| ଶୀତଳ | ଦୋ ୧ ଟ ୦ ୶ |

ଏଭଳ ଗୁଣ୍ଡି ଏବାରୁ ଅଧି- କୋଳକ ଦକରେ ଶୁଖାଇ ଡୁଲବଳ ପରେ ଖଣ୍ଡି ଚେହେରା ଉତ୍ତମ ଦିଶାଇ

| | |
|---|---|
| ଅନ୍ତୁଲ ଦେବ | ଦ ୧ ଗ୍ରୁସ ଟ ୦ ୶୨ |
| ଶୀଳଟ ପେନସିଲ | ଦ ୧ ଟ ୦ ୶ |
| ରବର | ଖ ୧ ଟ ୦ ୶ |
| ବଂଶପତ୍ରୀ କଲମ | ଗ୍ରୋ ୨ ଟ ୦ ୶ |
| ଲିଡା କଲମ (ନବ) ଷ୍ଟିଲ୍ପଲ | ୧ ଟ ୦ ୶ |
| ଏଭଳ ନିଲସା | ଦ ୧ ଟ ୦ ୯୧ |

| | |
|---|---|
| ଏଭଳ ବର୍ଣ୍ଣମାଳାବୋଧକ | ଗ୍ରୋ ୧ ଟ ୦ ୧୬ |
| ଭାରତୀୟ ସ୍ୱାଦୁକ ସହିତ (ଚିତ୍ରଶାଳା) | ଗ୍ରୋ ୧ ଟ ୦ । |
| ଏଭଳ ସାଧାରଣ | ଗ୍ରୋ ୧ ଟ ୦ ୶୨ |
| ଜଗାଙ୍ଗିଠା ସରସା | ଖ ୧ ଟ ୦ ୶ |
| ବୋତଲ୍ୟୁର ତେଲ ଗୃହସହିତ | ଗ୍ରୋ ୧ ଟ ୦ ୶ |
| ମକଡ଼େଲ | ଗ୍ରୋ ୧ ଟ ୦ ୶ |
| ମୁଣ୍ଡକପାଳର ଫ୍ଲାନେଲ୍‌ବିଳା ଓ | |
| ଲୁଗେଲ୍‌କଥାବାଲା | ଗ୍ରୋ ୧ ଟ ୨ । |
| ଟିଳଦେଶର | ଗ୍ରୋ ୧ ଟ ୧୧ |
| ମେଜର ଅଦଳ | ଗ୍ରୋ ୧ ଟ ୦ ୪ |
| ସାବୁନ ସରସା | ଖ ୧ ଟ ୦ /୧ |
| ଫୁଲଦାନ୍ତ | ଗ୍ରୋ ୧ ଟ ୧୶ |
| ଚେଦାଲଗିଥ ୨ଭାନୟା | ଗ୍ରୋ ୨ ଟ ୩। |
| ଏଭଳ ଏକଭାଗ | ଗ୍ରୋ ୧ ଟ ୨ |
| ତେଲ | ଗ୍ରୋ ୧ ଟ ୨ |
| ଅପ୍ଲମେଣ୍ଟ | ଗ୍ରୋ ୧ ଟ ୶୨ |
| ଚାଷ | ଡ ୧ ଟ ୦ ।୶ |
| ଖାନପଗଡ଼ୀ | ଗ୍ରୋ ୧ ଟ ୦ ୧ |
| କନାରସୀ ସଗ୍ କସ | ଖ ୧ |

ଓଡ଼ିଆର ଏହାରୁ କୌଣସି ଗାଡ଼ରେ ହସି ଉର୍ଦ୍ଧରେ ଉଦ୍ଧାର ବୋଝା ଖବର ଘାଟରେ ଲଗାଇ ଦେଲେ ପାଣି ପଡ଼ିବାର ବନ୍ଦ ହେବ ଗେ ୧ ଟ ୦

କଟକ } ଅରଜକଞ୍ଚନ ନର
ଚୌଧୁରୀ ବଜାର } ଭଗୋନ


ଉତ୍କଳଦୀପିକାର ଅଗ୍ରିମ ମୂଲ୍ୟକଳା ପରଛରେ ନିମ୍ନଲିଖିତ ରୂପେ ଧାର୍ଯ୍ୟ ହୋଇଅଛି, ଯଥା ।—

ପ୍ରଥମଥର ଲଗାଏ
ସାପ୍ତାହିକ ଟ ୦ ୶
ଷାଣ୍ମାସିକ ଟ ୨୧
ବର୍ଷ ଏକ ମୂଲ୍ୟ ଟ ୩୧

ମାତ୍ର କୌଣସି ବିଜ୍ଞାପନ ସେଥିଏ ଲଘୁ ହେଲେ ସର୍ବନିମ୍ନ ଟ ୦ ୶ ରୁ ଊଣା ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟ ଥର ପାଇଁ ଏହାର ଅର୍ଦ୍ଧ ପ୍ରଥମ ଥର ଦେବା ଓ ଦ୍ୱିଗୁଣ ଯଥାକ୍ରମେ ହେବ ଅଧିକ ଦିନର ପାଇଁ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନସଙ୍ଗେ ପଠାଇବାକୁ ହେବ ।

[illegible]

Digitized by srujanika@gmail.com

Split by PDF Splitter

High Court No. 47.
ଦେଓ୍ୱାନୀ କାର୍ଯ୍ୟବିଧି ନଂ ୪୭ ମୁଦ୍ର ।

(ଏଠାରେ କଟକର ସବ୍‌ଜଜଙ୍କର ମୋହରଅଛି)

# PROCLAMATION OF SALE.

(SECTION 287, C. P. CODE).

## ନୀଲାମୀ ଇସ୍ତାହାର ।

ଦେଓ୍ୱାନୀ କାର୍ଯ୍ୟବିଧି ଆଇନର ଧା ୨୮୭ ଧା ।

ଅଦାଲତ

ଜିଲ୍ଲା କଟକର ସବର୍ଡିନେଟ ଜଜ ସାହେବଙ୍କ

ନଂ ୧୩୨ ମିର ଓଃ ସନ ୧୮୯୪ ସାଲ ।

ଗୋପାଳକୃଷ୍ଣ ଭଗତ । ସା । ରାଜାବଜାର ସହର କଟକ ଡିକ୍ରିଦାର ।

ବନାମ

ଅମୃତ୍ୟୁଞ୍ଜୟ ସିଂହ ମହାପାତ୍ର । ସା । ଗଡ଼ ଅଣ୍ଡିଆ । ପ । କୋଠଦେଶ ଦେଣଦାର

ଏତଦ୍ୱାରା ଜଣାଇ ଦିଆଯାଉଅଛି ଯେ ଉପରୋକ୍ତ ମୋକଦ୍ଦମାର ଡିକ୍ରୀଦାର ଡିକ୍ରୀର ଟଙ୍କା ୫୮୨୧୫୬୩/୧ ବାକୀ ପରିଶୋଧାର୍ଥେ ଏଥି ସଂଲଗ୍ନ ତପସିଲ ଲେଖିତ ଦୋଷୀ ସମ୍ପତ୍ତି ବିକ୍ରୟ ସକାଶେ ଏହି ଅଦାଲତଙ୍କ ଦ୍ୱାରା ଦରଖାସ୍ତ କରିଅଛି । ମୂ । ଟ ୫୮୨୧୫୬୩/୧ ବାକୀ ପରିଶୋଧାର୍ଥେ ... ସନ ୧୮୮୨ ସାଲର ୧୪ ଆଇନର ଧା ୨୮୪ ଧା ଅନୁସାରେ ଏକ ହୁକୁମ ପ୍ରଚାରିତ ହୋଇଅଛି । ପ୍ରକାଶ୍ୟ ନୀଲାମରେ ବିକ୍ରୟ ହେବ ଏବଂ ଉକ୍ତ ତପସିଲ ଲେଖିତ ଲାଟବନ୍ଦୀମତେ ସମ୍ପତ୍ତି ନୀଲାମ ହେବ ଉପରୋକ୍ତ ଦେଣଦାରର ସ୍ୱତ୍ୱ ସ୍ୱାମୀତ୍ୱ ଲଭ୍ୟ ମାତ୍ର ବିକ୍ରୟ ହେବ ସେହି ସ୍ୱତ୍ୱ ସ୍ୱାମିତ୍ୱ ଲଭ୍ୟ ତତସଂକ୍ରାନ୍ତ ଦାୟ ଓ ଦାବୀ ସମସ୍ତ ଯେତେଦୂର ନିର୍ଣ୍ଣୟ କରାଯାଇପାରେ ଓ ତଦସମ୍ବନ୍ଧ ତପସିଲରେ ପ୍ରତ୍ୟେକ ଲାଟର ସମ୍ମୁଖରେ ବିଶେଷକରି ଲେଖାହେବ ।

ଏହି ଅଦାଲତରେ ନୀଲାମ ସ୍ଥଗିତର କୌଣସି ହୁକୁମ ନ ହେଲେ କଟକ ମୁକାମ ସବ୍‌ଜଜଙ୍କ ଦ୍ୱାରା ସନ ୧୮୯୪ ମସିହା ମଇମାସ ତା ୧୫ ର° ଖରା ମୂ । ସନ ୧୩୦୧ ସାଲ ଜ୍ୟେଷ୍ଠମାସ ତ ୩ ନ ମଙ୍ଗଳବାର ଘ ୧୨ ଘା ସମୟରେ ଏହି ଅଦାଲତରେ ନୀଲାମ ହେବ କିନ୍ତୁ କୌଣସି ଲାଟର ଡାକ ଶେଷ ହେବା ପୂର୍ବରେ ଉପରୋକ୍ତ ଖର୍ଚ୍ଚା ସମେତ ଡିକ୍ରୀର ଦେଣା ଓ ନୀଲାମର ଖର୍ଚ୍ଚା ଦେବା ନିମନ୍ତେ ଉପସ୍ଥିତ କରାଗଲେ ତମ୍ଭା ଉଅ- ହେଲେ ନୀଲାମ ସ୍ଥଗିତ ହେବ ।

ନୀଲାମରେ ସର୍ବସାଧାରଣଙ୍କୁ ସ୍ୱୟଂ ଅଥବା ଯଥାମତ କ୍ଷମତାପ୍ରାପ୍ତ କାରପରଦାଜ ଦ୍ୱାରା ନୀଲାମ ଡାକିବା ସକାଶେ ଆହ୍ୱାନ କରା ଯାଉଅଛି ପ୍ରଥମେ ଅଦାଲତଙ୍କର ଅନୁମତି ସ୍ପଷ୍ଟରୂପେ ଦତ୍ତ ନ ହେଲେ ଉପରୋକ୍ତ ଡିକ୍ରୀଦାରମାନଙ୍କ ଦ୍ୱାରା ଅଥବା ସେମାନଙ୍କ ପକ୍ଷରେ କୌଣସି ଡାକ ଗ୍ରାହ୍ୟ ହେବ ନାହିଁ ଅଥବା ସେମାନଙ୍କ ନିକଟ ବିକ୍ରୟ ସିଦ୍ଧ ଗଣ୍ୟ ହେବ ନାହିଁ ।

ନୀଲାମ ସଂକ୍ରାନ୍ତ ନିୟମ ।

୧ । ଯେ ସମ୍ପତ୍ତି ନୀଲାମ ହେବ ସେଥିରେ ଡିକ୍ରୀଦାରମାନଙ୍କର ଯେ ସ୍ୱତ୍ୱ ସ୍ୱାମିତ୍ୱ ଲଭ୍ୟ ଅଛି ଓ ଅନ୍ୟାନ୍ୟ ବ୍ୟକ୍ତିଙ୍କର ଯେ ଦାବୀଅଛି ତାହା ଅଦାଲତ ଯେତେଦୂର ଜାଣିପାରନ୍ତି ତାହା ପ୍ରକାଶ କରା ହୋଇଅଛି କିନ୍ତୁ ଏହି ଇସ୍ତାହାର କୌଣସି ଭୂଲ ବା ଅଯଥାର୍ଥ ବର୍ଣ୍ଣନା ବା ବର୍ଣ୍ଣନାର ତ୍ରୁଟି ସକାଶେ ଅଦାଲତ ଦାୟୀ ହେବେ ନାହିଁ ।

୨ । ଯେ ପରିମାଣରେ ଡାକ ବୃଦ୍ଧି କରିବାକୁ ହେବ ତାହା ନୀଲାମକାରକ କର୍ମଚାରୀ କର୍ତ୍ତୃକ ସ୍ଥିର କରା ହେବ । ଯେ ଟଙ୍କା ଡାକ ହୁଏ ତହିଁ ସମ୍ବନ୍ଧେ ତମ୍ଭା ଯେବ୍ୟକ୍ତି ଡାକେ ତାହା ସମ୍ବନ୍ଧେ କୌଣସି ତର୍କ ଉପସ୍ଥିତ ହେଲେ ତତ୍କ୍ଷଣାତ୍ ଲାଟ ପୁନର୍ବାର ନୀଲାମ କରାଇବାକୁ ହେବ ।

୩ । ଯେ ବ୍ୟକ୍ତିର ଡାକ ସର୍ବାପେକ୍ଷା ଅଧିକ ସେ ବ୍ୟକ୍ତି ଆଇନ ଅନୁସାରେ ଡାକବାର ଉପଯୁକ୍ତ ହେଲେ ତାହାକୁ ଲାଟର ଖରିଦଦାର ହୋଇ ପ୍ରକାଶ କରାଯିବ ।

୪ । ନୀଲାମକାରକ କର୍ମଚାରୀ ହେତୁ ଲିପିବଦ୍ଧ ପୂର୍ବକ ଆପଣା ଇଚ୍ଛାମତେ ନୀଲାମ ସ୍ଥଗିତ ରଖି ପାରନ୍ତି କିନ୍ତୁ ତାହା ସର୍ବଦା ସନ ୧୮୭୭ ସାଲର ୧୦ ଆଇନର ଧା ୨୯୧ ଧାର ବିଧାନ ପ୍ରତି ଦୃଷ୍ଟି ରଖି କରିବାକୁ ହେବ ।

୫ । ଅସ୍ଥାବର ସମ୍ପତ୍ତିର ସ୍ଥଳେ ପ୍ରତ୍ୟେକ ଲାଟର ମୂଲ୍ୟ ନୀଲାମ ସମୟରେ ଅଥବା ତାହା ପରେ ଯେଉଁ ସମୟରେ ନୀଲାମକାରକ କର୍ମଚାରୀ ଦେବାକୁ କହନ୍ତି ସେହି ସମୟରେ ଦେବାକୁ ହେବ ଏବଂ ତାହା ନ ଦେଲେ ସମ୍ପତ୍ତି ତତ୍କ୍ଷଣାତ୍ ନୀଲାମରେ ପୁଣି ବିକ୍ରୟ କରିବାକୁ ହେବ ।

୬ । ସ୍ଥାବର ସମ୍ପତ୍ତି ସ୍ଥଳେ ଯେଉଁ ବ୍ୟକ୍ତିକୁ ଖରିଦଦାର ବୋଲି ପ୍ରକାଶ କରା ହୁଏ ସେ ଉକ୍ତ ଖରିଦଦାର ବୋଲି ପ୍ରକାଶ କରା ଅବ୍ୟବହିତ ପରେ ମୂଲ୍ୟ ଟଙ୍କା ମଧ୍ୟରୁ ଶତକଡ଼ା ଟ ୨୫ ଟଙ୍କା ନୀଲାମକାରକ କର୍ମଚାରୀଙ୍କୁ ଦେବେ ଏବଂ ତାହା ନ ଦେଲେ ଉକ୍ତ ସମ୍ପତ୍ତି ତତ୍କ୍ଷଣାତ୍ ପୁନର୍ବାର ନୀଲାମରେ ପୁଣି ବିକ୍ରୟ କରା ହେବ ।

୭ । ସମ୍ପତ୍ତି ନୀଲାମପରେ ସେହି ତାରିଖ ଠାରୁ ଦ ୧୫ ରେ ଅଦାଲତ ବନ୍ଦ ହେବା ପୂର୍ବେ ମୂଲ୍ୟର ସମୁଦାୟ ଟଙ୍କା ଦେବାକୁ ହେବ ତମ୍ଭା ଦ ୧୫ ର ରବିବାର ବା ଅନ୍ୟ କୌଣସି ବନ୍ଦର ଦିନ ହେଲେ ଦ ୧୫ ର ପର ପ୍ରଥମ କଚେରୀର ଦିନ ଦେବାକୁ ହେବ ।

୮ । ଉକ୍ତ ନିର୍ଦ୍ଧାରିତ ମିଆଦ ମଧ୍ୟରେ ମୂଲ୍ୟର ବାକୀ ଟଙ୍କା ଦିଆ ନ ହେଲେ ନୂତନ ନୀଲାମୀ ଇସ୍ତାହାର ଜାରି ପରେ ସମ୍ପତ୍ତି ପୁନର୍ବାର ବିକ୍ରୟ କରିବାକୁ ହେବ । ଅମାନତ ଟଙ୍କା ନୀଲାମର ଖର୍ଚ୍ଚପତ୍ର ବାଦ୍ ଯାହା ଥାଏ ତାହା ସରକାରରେ ବାଜ୍ୟାପ୍ତ ହେବ ଏବଂ ଉକ୍ତ ସମ୍ପତ୍ତି ତାହା ପରେ ଯେ ମୂଲ୍ୟରେ ବିକ୍ରୟ ହୁଏ ତାହାର କୌଣସି ଅଂଶ ପ୍ରତି ପୂର୍ବ ଖରିଦଦାର ଯେ ମୂଲ୍ୟ ଟଙ୍କା ଦେବାକୁ ତ୍ରୁଟି କରିଅଛି ତାହାର କୌଣସି ଦାବି ରହିବ ନାହିଁ ।

ଅଦ୍ୟ ସନ ୧୮୯୪ ମସିହା ମାର୍ଚ୍ଚ ତା ୪ ରିଖେ ଆମ୍ଭର ସ୍ୱାକ୍ଷର ଓ ଅଦାଲତର ମୋହରଯୁକ୍ତମତେ ଦିଆଗଲା

Digitized by srujanika@gmail.com

Split by PDF Splitter



## ସମ୍ପତ୍ତିର ତପସିଲ ।

| ଲଟର ନମ୍ବର । | ଯଉଁ ସମ୍ପତ୍ତି ସେ ପ୍ରକାରର । | ସରକାରଙ୍କର ରାଜସ୍ୱ ଦେବା-ଯୁକ୍ତ ହୋଇଥିବା ସମ୍ପତ୍ତି ଯୁଦ୍ଧ ହେଲେ ତାହାର ରାଜସ୍ୱର ପରିମାଣ । | ସମ୍ପତ୍ତିରେ କୌଣସି ଦାୟ ସମ୍ବନ୍ଧ ଥିଲେ ତାହାର ବ୍ୟୋରା ହେବେ । | ସମ୍ପତ୍ତି ଉପରେ କୌଣସି ଦାବୀ ଉପସ୍ଥିତ କରା ହେଲେ ସେହି ଦାବୀ ଓ ସମ୍ପତ୍ତି ସେ ସବୁର ଓ ତାହାର ସେ ମୂଲ୍ୟ ହୋଇପାରେ ତାହା-ସମ୍ବନ୍ଧରେ ଯେ ସକଳ ବିଷୟ ଜଣାଅଛି । |
|---|---|---|---|---|
| ୧ | । ଗ୍ରା । କୋଠବେଡ଼ ନ ୭୪ ସ୍ଥିର ଲଖେରାଜ୍ ଜମିଦାର ନ, ତହିଁର ମୌରସ୍ତ୍ରୁ ହକଦାର ... ... ସେଥିମଧ୍ୟରୁ ପ୍ରଜାସମାନର ଦଖ ତୁଲା । ୦ । ୪ ୧୭ ରୁ ନମ୍ବରରୁ ୧ ମୋକଦ୍ଦମା- ରେ ଉଦ୍ଧେଶବା । ୬ । ୪ ୦ / ରୁ ମଧ୍ୟୋଃ ସ୍ୱତ୍ୱ ଜମା ... ହେଲେଃ ତହିଁରେ ପ୍ରଜାମାନଙ୍କର ଯେ ସ୍ୱତ୍ୱର ଅଛି ୧ ମୋକଦ୍ଦମାରେ ନିଲାମ ହେବ । | ୪ [illegible] | | |
| ୨ | । ଗ୍ରା । ଭାଗୀରଥ । ଥା । ଭଦ୍ରକ । ମୌ । ବାଡ଼ାଇଲଜଗମିଣ୍ଡ ଭାରତଦାତ ସ୍ୱତ୍ୱ ଭତ୍ତରେ ପୁଣା ହକର ନ ୪୬୦ ସ୍ଥିର । ପ । ଖାଲାସ୍ତ୍ରିଂ ଭାଗୁଦାରଙ୍କ ଲଗଦେଇ ଓ ଗୁନ୍ତିରାମ ମହାଜନଙ୍କ ନାମର ଦଖଲ ନ [illegible] ମଧ୍ୟ ତହିଁର ଭାଗଖିଁ ଜମା ୪ [illegible] ମଧ୍ୟରୁ ପ୍ରଜାସଦ୍ୱ । ୦ । ୪ ୧୧ ରୁ ମା [illegible] ରୁ ଜମା ... ... | ୪ [illegible] | | |
| ୩ | ଏଥିରେ ଥିବା ଖଟରଣ ଘର ଖଂଃ ଓ ଠାକୁର ଝୁଠାଦେଉଳ ସହିତ ଅଷ୍ଟ ଅଛ ଲଙ୍କୁ ବୃକ୍ଷ ଓ ଖଟରଣ ଘର ଓଁରୁ ଦଖଲେ ପ୍ରଜାମାନଙ୍କ ଯେ ସ୍ୱତ୍ୱାଦ ଅଛି ୧ ମୋକଦ୍ଦମାରେ ନିଲାମ ହେବ । | | | |

Digitized by srujanika@gmail.com

Split by PDF Splitter



ସନ ୧୮୯୩।୯୪ ମସିହାର ପ୍ରବେଶିକା ପରୀକ୍ଷାରେ ଓଡ଼ିଶାର ଯେଉଁଛାତ୍ରମାନେ ପାସ କରିଅଛନ୍ତି
ସେମାନଙ୍କର ନାମ;—

### ୧ମ ଶ୍ରେଣୀ ।

| | | |
|---|---|---|
| ...ଧାଚରଣ ଦାସ | କଟକ | ଏକାଡେମୀ |
| ...ଇନ୍ଦୁବନ ଅଦନ୍ନ ଦ | କେନ୍ଦ୍ରାପଡ଼ା | |

### ୨ୟ ଶ୍ରେଣୀ ।

| | | |
|---|---|---|
| ...ନନ୍ତମ୍ବ ବନ୍ଦ୍ୟୋପାଧ୍ୟାୟ | ଷ୍ଟୁ: କଲେଜଏଣ୍ଟ ସ୍କୁଲ | କଟକ |
| ...ଲରାମ ବସୁ | ଏକାଡେମୀ | ,, |
| ...ମଦେବ ଦାସ | ଷ୍ଟୁ: କଲେଜଏଣ୍ଟ ସ୍କୁଲ | ,, |
| ...ରମୋହନ ଦାସ | ଏକାଡେମୀ | ,, |
| ...ନନ୍ଦକିଶୋର ଦାସ | ପୁରୀଜିଲ୍ଲା ସ୍କୁଲ | |
| ...ଲଙ୍ଗୀବଲ୍ଲଭ ଦତ୍ତ | ବାଲେଶ୍ୱର | ,, |
| ...ବନମୋହନ ଘୋଷ | ଏକାଡେମୀ | କଟକ |
| ...ହ୍ମଚନ୍ଦ୍ର ଘୋଷ | ଷ୍ଟୁ: କଲେଜଏଣ୍ଟ ସ୍କୁଲ | ,, |
| ...ଗେନ୍ଦ୍ରନାଥ ଘୋଷ | ଷ୍ଟୁ: କଲେଜଏଣ୍ଟ ସ୍କୁଲ | ,, |
| ...ଜସୁନ୍ଦର ମର୍ଦ୍ଦରାଜ | ଏକନ | ,, |
| ...ମଳ ମିଶ୍ର | | ଯାଜପୁର |
| ...ରେକୃଷ୍ଣ ନାୟକ | ଷ୍ଟୁ: କଲେଜଏଣ୍ଟ ସ୍କୁଲ | କଟକ |
| ...ଭବାସ ଦାସ | ପୁରୀଜିଲ୍ଲା ସ୍କୁଲ | |
| ...ଙ୍କର ଷଡ଼ଙ୍ଗୀ | ଏକାଡେମୀ | କଟକ |
| ...କେଦାରନାଥ ସରକାର | | ବାଲେଶ୍ୱର |
| ...ଜ୍ୟୋତିଷଚନ୍ଦ୍ର ସେନ | ପୁରୀଜିଲ୍ଲା ସ୍କୁଲ | |
| ...ଗୋପବନ୍ଧୁ ପଟ୍ଟନାୟକ | | ମୟୂରଭଞ୍ଜ |

### ୩ୟ ଶ୍ରେଣୀ ।

| | | |
|---|---|---|
| ଭବାନଚରଣବନ୍ଦୋପାଧ୍ୟାୟ | ପ୍ରାଇଭେଟଷ୍ଟୁଡେଣ୍ଟ | କଟକ |
| ଯଦୁନାଥ ବସୁ | ଷ୍ଟୁ: କଲେଜଏଣ୍ଟ ସ୍କୁଲ | କଟକ |
| ଘନଶ୍ୟାମ ଦାସ | | କେନ୍ଦ୍ରାପଡ଼ା |
| ଲିଙ୍ଗରାଜ ଦାସ | ଷ୍ଟୁ: କଲେଜଏଣ୍ଟ ସ୍କୁଲ | କଟକ |
| ଫିଲେମୋନ ଦାସ | କଟକ | ମିସନ |
| ଶ୍ରୀନାଥଚନ୍ଦ୍ର ଦାସ | | ଲକ୍ଷ୍ମଣନାଥ ସ୍କୁଲ |
| ସୁରେନ୍ଦ୍ର ନାରାୟଣ ଦାସ | | ବାଲେଶ୍ୱର |
| କାର୍ତ୍ତିକଚନ୍ଦ୍ର ଦତ୍ତ | ଷ୍ଟୁ: କଲେଜଏଣ୍ଟ ସ୍କୁଲ | କଟକ |
| ଏକରାମ ହୁସେନ | | କେନ୍ଦ୍ରାପଡ଼ା |
| ହୀରାଲାଲ ମହାପାତ୍ର | | ବାଲେଶ୍ୱର |
| ବିଶ୍ୱନାଥ ମହାନ୍ତି | ପ୍ରାଇଭେଟଷ୍ଟୁଡେଣ୍ଟ | କଟକ |
| ନାରାୟଣ ମହାନ୍ତି | | ପୁରୀ |
| ନଗେନ୍ଦ୍ରନାଥମୁଖୋପାଧ୍ୟାୟ | ଷ୍ଟୁ:କଲେଜଏଣ୍ଟସ୍କୁଲ | କଟକ |
| ଶରଚ୍ଚନ୍ଦ୍ର ମୁଖୋପାଧ୍ୟାୟ | ପ୍ରାଇଭେଟଷ୍ଟୁଡେଣ୍ଟ | କଟକ |
| ସତ୍ୟନାରାୟଣପଟ୍ଟନାୟକ | ଷ୍ଟୁ:କଲେଜଏଣ୍ଟସ୍କୁଲ | କଟକ |
| କୃଷ୍ଣସ୍ୱାମୀ ପଟ୍ଟନାୟକ | | କଟକ ମିସନ |
| ସର୍ବେଶ୍ୱର ପ୍ରଧାନ | ପ୍ରାଇଭେଟଷ୍ଟୁଡେଣ୍ଟ | କଟକ |
| ଉପେନ୍ଦ୍ରନାଥ ରାୟ ଚୌଧୁରୀ | | ଲକ୍ଷ୍ମଣନାଥ ସ୍କୁଲ |
| କୁଞ୍ଜବିହାରୀ ସାହୁ | | ବାଲେଶ୍ୱର |
| ଜଗନ୍ନାଥ ଷଡ଼ଙ୍ଗୀ | ପ୍ରାଇଭେଟଷ୍ଟୁଡେଣ୍ଟ | କଟକ |
| ଲକ୍ଷ୍ମୀଧର ତ୍ରିପାଠୀ | | କେନ୍ଦ୍ରାପଡ଼ା |
| ଶ୍ୟାମସୁନ୍ଦରପ୍ରସାଦ ସିଂହ | ପ୍ରାଇଭେଟଷ୍ଟୁଡେଣ୍ଟ | କଟକ |
| ଗିରିଧାରୀ ସିଂହ | ଷ୍ଟୁ: କଲେଜଏଣ୍ଟ ସ୍କୁଲ | କଟକ |
| ରାଜକିଶୋର ଶୁକ୍ଳ | | ଯାଜପୁର |

———

Digitized by srujanika@gmail.com

Split by PDF Splitter



Digitized by srujanika@gmail.com

Split by PDF Splitter



High Court No. 47.
ଦେୱାନୀ କାର୍ଯ୍ୟବିଧି ଫ ୪୭ ନଂ । 153

( ଏଠାରେ କଟକର
ସବ୍‌ଜଜଙ୍କର ମୋହର ଅଛି)

# PROCLAMATION OF SALE.

(SECTION 287, C. P. CODE).

## ନୀଲାମୀ ଇସ୍ତାହାର ।

ଦେୱାନୀ କାର୍ଯ୍ୟବିଧି ଆଇନର ଧା ୨୮୭ ଦ ।

ଜିଲ୍ଲା କଟକର ସବର୍ଡ଼ିନେଟ ଜଜସାହେବଙ୍କ ଅଦାଲତ

ନଂ ୪୪ ମକ । ଓ । ସନ ୧୮୯୪ ସାଲ ।

ଦ୍ୱାରିକାପ୍ରସାଦ ଭଗତ ଓ ଗୋପାଳପ୍ରସାଦ ଭଗତ । ସା । ଚଉଧୁରୀବଜାର ସହର କଟକ ଡିକ୍ରୀଦାର ।

ବନାମ

ଧନୁର୍ଜୟ ନାରସିଂହ ମାନ୍ଧାତା । ସା । ଗଡ଼ ଅଣ୍ଡିଆ । ପ୍ର । ଡୋଡ଼ଦେଶ ଦେଣଦାର ।

ଏତଦ୍ୱାରା ଜଣାଇ ଦିଆଯାଉଅଛି ଯେ ଉପରୋକ୍ତ ମୋକଦ୍ଦମାର ଡିକ୍ରୀଦାର ମଧ ଖର୍ଚ୍ଚ । ମୁ । ଟ ୨୩୩୨ ।୮ ୧୦ ଦାବୀ ପରିଶୋଧାର୍ଥେ ଏଥି ସଂଲଗ୍ନ ତଫସିଲ ଲେଖିତ ଜୋଗସମ୍ପତ୍ତି ବିକ୍ରୟ ସକାଶ ଏହି ଅଦାଲତଙ୍କ କର୍ତ୍ତୃକ ସନ ୧୮୮୨ ସାଲର ଏ ୧୪ ଆଇନର ଧା ୨୮୪ ଦ ଅନୁସାରେ ଏକ ହୁକୁମ ପ୍ରଚଳିତ ହୋଇଅଛି । ପ୍ରକାଶ୍ୟ ନୀଲାମରେ ବିକ୍ରୟ ହେବ ଏବଂ ଉକ୍ତ ତଫସିଲ ଲେଖିତ ଲାଟବନ୍ଦୀମାନଙ୍କ ସମ୍ପତ୍ତି ନୀଲାମ ହେବ ଉପରୋକ୍ତ ଦେଣଦାରର ସ୍ୱତ୍ୱ ସ୍ୱାମିତ୍ୱ ଲଭ୍ୟ ମାତ୍ର ବିକ୍ରୟ ହେବ । ସେହି ସ୍ୱତ୍ୱ ସ୍ୱାମିତ୍ୱ ଲଭ୍ୟ ତଦ୍‌ସଂକ୍ରାନ୍ତ ଦାୟ ଓ ଦାବୀ ସମସ୍ତ ଯେତେ ଦୂର ନିର୍ଣ୍ଣୟ କରାଯାଇ ପାରେ ଓ ତତ୍‌ସମ୍ବନ୍ଧ ତଫସିଲରେ ପ୍ରତ୍ୟେକ ଲାଟର ସମ୍ମୁଖରେ ବିଶେଷ କରି ଲେଖା ହେବ ।

ଏହି ଅଦାଲତରୁ ନୀଲାମ ସ୍ଥଗିତର କୌଣସି ହୁକୁମ ନ ହେଲେ କଟକ ମୁକାମ ସବଜଜସାହେବଙ୍କ କର୍ତ୍ତୃକ ସନ ୧୮୯୪ ମସିହା ମଇମାସ ତା ୨୯ ରିଖ । ମୁ । ସନ ୧୩୦୧ ସାଲ ଜ୍ୟେଷ୍ଠମାସ ତା ୩ ରଖର ମଙ୍ଗଳବାର ବେଳ ଘ ୧୨ ଘ ସମୟରେ ଏହି ଅଦାଲତରେ ନୀଲାମ ହେବ କିନ୍ତୁ କୌଣସି ଲାଟର ଡାକ ଶେଷହେବା ପୂର୍ବରେ ଉପରୋକ୍ତ ଖର୍ଚ୍ଚା ସମେତ ଡିକ୍ରୀର ଦେଣା ଓ ନୀଲାମର ଖର୍ଚ୍ଚା ଦେବା କିମ୍ବା ଉପସ୍ଥିତ କରାଗଲେ ଜମା ଦିଆହେଲେ ନୀଲାମ ସ୍ଥଗିତ ହେବ ।

ନୀଲାମରେ ସର୍ବସାଧାରଣଙ୍କୁ ସ୍ୱୟଂ ଅଥବା ଯଥାମତ କ୍ଷମତା ପ୍ରାପ୍ତ କାରପରଦାଜଦ୍ୱାରା ନୀଲାମ ଡାକିବା ସକାଶେ ଆହ୍ୱାନ କରାଯାଉଅଛି ପ୍ରଥମେ ଅଦାଲତଙ୍କର ଅନୁମତି ପ୍ରାପ୍ତି ପୂର୍ବେ ଦିଆ ନ ହେଲେ ଉପରୋକ୍ତ ଡିକ୍ରୀଦାରମାନଙ୍କ ଦ୍ୱାରା ଅଥବା ସେମାନଙ୍କ ପକ୍ଷରେ କୌଣସି ଡାକ ଗ୍ରାହ୍ୟ ହେବ ନାହିଁ ଅଥବା ସେମାନଙ୍କ ନିକଟ ବିକ୍ରୟବିକ ଗ୍ରାହ୍ୟ ହେବ ନାହିଁ ।

### ନୀଲାମ ସଂକ୍ରାନ୍ତ ନିୟମ ।

୧ । ଯେ ସମ୍ପତ୍ତି ନୀଲାମ ହେବ ସେଥିରେ ଡିକ୍ରୀଦାରମାନଙ୍କର ଯେ ସ୍ୱତ୍ୱ ସ୍ୱାମିତ୍ୱ ଲଭ୍ୟ ଅଛି ଓ ଅନ୍ୟାନ୍ୟ ବ୍ୟକ୍ତିଙ୍କର ଯେ ଦାବୀ ଅଛି ତାହା ଅଦାଲତ ଯେତେଦୂର ଜାଣିପାରନ୍ତି ତାହା ପ୍ରକାଶ କରା ହୋଇଅଛି କିନ୍ତୁ ଏହି ଇସ୍ତାହାରର କୌଣସି ଭୁଲ ବା ଅଯଥାର୍ଥ ବର୍ଣ୍ଣନା ବା ବର୍ଣ୍ଣନାର ତ୍ରୁଟି ସକାଶେ ଅଦାଲତ ଦାୟୀ ହେବେ ନାହିଁ ।

୨ । ଯେ ପରିମାଣରେ ଡାକ ବୃଦ୍ଧି କରିବାକୁ ହେବ ତାହା ନୀଲାମକାରକ କର୍ମଚାରୀ କର୍ତ୍ତୃକ ସ୍ଥିର କରା ହେବ । ଯେ ଟଙ୍କା ଡାକ ହୁଏ ତହିଁ ସମ୍ବନ୍ଧେ କିମ୍ବା ଯେ ବ୍ୟକ୍ତି ଡାକେ ତାହା ସମ୍ବନ୍ଧେ କୌଣସି ତର୍କ ଉତ୍ଥାପିତ ହେଲେ ତତ୍‌କ୍ଷଣାତ୍ ଲାଟ ପୁନର୍ବାର ନୀଲାମ କରାଇବାକୁ ହେବ ।

୩ । ଯେ ବ୍ୟକ୍ତିର ଡାକ ସର୍ବାପେକ୍ଷା ଅଧିକ ସେ ବ୍ୟକ୍ତି ଆଇନ ଅନୁସାରେ ଡାକିବାର ଉପଯୁକ୍ତ ହେଲେ ତାହାକୁ ଲାଟର ଖରିଦଦାର ବୋଲି ପ୍ରକାଶ କରାଯିବ ।

୪ । ନୀଲାମକାରକ କର୍ମଚାରୀ ଦେଇ ଲିପିବଦ୍ଧ ପ୍ରକୃତ ଅପଣା ଇଚ୍ଛାମତେ ନୀଲାମ ସ୍ଥଗିତ ରଖିପାରିବେ କିନ୍ତୁ ତାହା ସର୍ବଦା ସନ ୧୮୭୭ ସାଲର ଏ ୧୦ ଆଇନର ଧା ୨୯୧ ଦର ବିଧାନପ୍ରତି ଦୃଷ୍ଟି ରଖି କରିବାକୁ ହେବ ।

୫ । ଅସ୍ଥାବର ସମ୍ପତ୍ତିର ସ୍ଥଳେ ପ୍ରତ୍ୟେକ ଲାଟର ମୂଲ୍ୟ ନୀଲାମ ସମୟରେ ଅଥବା ତାହାପରେ ଯେଉଁ ସମୟରେ ନୀଲାମକାରକ କର୍ମଚାରୀ ଦେବାକୁ କହନ୍ତି ସେହି ସମୟରେ ଦେବାକୁ ହେବ ଏବଂ ତାହା ନ ଦେଲେ ସମ୍ପତ୍ତି ତତ୍‌କ୍ଷଣାତ୍ ନୀଲାମରେ ପୁନଃ ବିକ୍ରୟ କରାଯିବାକୁ ହେବ ।

୬ । ସ୍ଥାବର ସମ୍ପତ୍ତି ସ୍ଥଳେ ଯେଉଁ ବ୍ୟକ୍ତିକୁ ଖରିଦଦାର ବୋଲି ପ୍ରକାଶ କରା ହୁଏ ସେ ଉକ୍ତ ଖରିଦଦାର ବୋଲି ପ୍ରକାଶ କରା ଅବ୍ୟବହିତ ପରେ ମୂଲ୍ୟ ଟଙ୍କା ମଧ୍ୟରୁ ଶତକରା ଟ ୨୫୲ ଟଙ୍କା ନୀଲାମକାରକ କର୍ମଚାରୀଙ୍କୁ ଦେବେ ଏବଂ ତାହା ନ ଦେଲେ ଉକ୍ତ ସମ୍ପତ୍ତି ତତ୍‌କ୍ଷଣାତ୍ ପୁନର୍ବାର ନୀଲାମରେ ପୁଣି ବିକ୍ରୟ କରାଯିବ ।

୭ । ସମ୍ପତ୍ତି ନୀଲାମ ପରେ ସେହି ତାରିଖ ବାଦ୍ ଦ ୧୫ ଦିନ ଅଦାଲତ ବନ୍ଦ ଦିନ ଛାଡ଼ି ମୂଲ୍ୟର ଅବଶିଷ୍ଟ ଟଙ୍କା ଦେବାକୁ ହେବ କିମ୍ବା ଦ ୧୫ ଦିନ ରବିବାର ବା ଅନ୍ୟ କୌଣସି ବନ୍ଦର ଦିନ ହେଲେ ଦ ୧୫ ଦିନ ପର ପ୍ରଥମ କଚେରୀର ଦିନ ଦେବାକୁ ହେବ ।

୮ । ଉକ୍ତ ନିର୍ଦ୍ଧାରିତ ମିଆଦ ମଧ୍ୟରେ ମୂଲ୍ୟର ବାକି ଟଙ୍କା ଜମା ନ ହେଲେ ନୂତନ ନୀଲାମି ଇସ୍ତାହାର ଜାରି ପରେ ସମ୍ପତ୍ତି ପୁନର୍ବାର ବିକ୍ରୟ କରାଯିବାକୁ ହେବ । ଅମାନତୀ ଟଙ୍କା ନୀଲାମର ଖର୍ଚ୍ଚପତ୍ର ବାଦ୍ ଯାହା ଥାଏ ତାହା ସରକାରରେ ବାଜାପ୍ତ ହେବ ଏବଂ ଉକ୍ତ ସମ୍ପତ୍ତି ତାହାପରେ ଯେ ମୂଲ୍ୟରେ ବିକ୍ରୟ ହୁଏ ତାହାର କୌଣସି ଅଂଶ ପ୍ରତି ପୂର୍ବ ଖରିଦ୍ଦାର ଯେ ମୂଲ୍ୟ ଟଙ୍କା ଦେବାକୁ ତ୍ରୁଟି କରିଅଛି ତାହାର କୌଣସି ଦାବୀ ରହିବ ନାହିଁ ।

ଅଦ୍ୟ ସନ ୧୮୯୪ ମସିହା ମାର୍ଚ୍ଚ ମାସ ତା ୨୯ ରିଖେ ଆମ୍ଭର ସ୍ୱାକ୍ଷର ଓ ଅଦାଲତର ମୋହରଯୁକ୍ତ ମତେ ଦିଆଗଲା ।

Digitized by srujanika@gmail.com

Split by PDF Splitter

.୧୨୪



## ସମ୍ପତ୍ତିର ତପସିଲ।

| ଲଟର ନମ୍ବର | ଜମି ସମ୍ପତ୍ତି ର ବିବରଣ। | ସରକାରରେ ରାଜସ୍ୱ ଦେବା-ଯୁକ୍ତ ସମ୍ପତ୍ତି ହେଲେ ତାହାର ରାଜସ୍ୱର ପରିମାଣ। | ଲେଖାରେ କୌଣସି ଦାୟ ଯୁକ୍ତ ଥିଲେ ତାହାର ବିବରଣ। | ସମ୍ପତ୍ତି ର ଦର ଦ୍ଵୀକର୍ତ୍ତା ଅଥବା ଡିକ୍ରିଦାର ଦେଲେ ତେବେ ଡାହା ସମ୍ପତ୍ତି ସେ ଦଖଲ ଦାବି ଓ ବେଶ ନ୍ୟାୟ ବୋଧ ହେଲେ ଦର୍ଶାଇ ଦେବେ ସେ କୌଣସି ତଥ୍ୟ ଜଣାଯାଏ। |
|---|---|---|---|---|
| ୧ | । ପ୍ର । କୋଠଦେଶ ନ ୧୨ ନୂଆ ତଉଜିଭୁକ୍ତ । ଥା । ଜା । ଜାଜପୁର । ମୌ ଲଙ୍ଗୁର ଓଗର ଜମିଦାର ଓ ଅନ୍ୟର ହବଲଜମା ଅଂଶମଧ୍ୟରୁ ଏ ମୋକଦ୍ଦମାରେ ଦେୟଥିବା । ଲ । ଟ ୦୫ କୁ ମଧ୍ୟୋଷ ହବଲଜମା ଅଂଶ ସ୍ୱତ୍ୱ ହକ ସେ ସ୍ୱତ୍ୱର ଅଟେ ଏ ମୋକଦ୍ଦମାରେ ଅଗ୍ରିମ ହେବ। | ଟ ୬୦୩/୧୧। ଅଙ୍କ ଟ ୧୨୩/୨୬୫ ହେଉଅଛି | | |
| ୨ | । ପ୍ର । କୋଠଦେଶ ନ ୩୯ ନୂଆ ତଉଜିଭୁକ୍ତ ଅବଲ । ଜା । ଜାଜପୁର । ମୌ । କଣ୍ଟିପୁର ଓଗେର ଜମିଦାର ଓ ଅନ୍ୟର ମୋଟ ହବଲଜମା ଅଂଶ ମଧ୍ୟରୁ ଏ ମୋକଦ୍ଦମାରେ ଲେଖ ଥିବା । ଲ । ଟ ୦୫ କୁ ଜମା ମଧ୍ୟୋଷ । ମୂ । ଏ ମୋକଦ୍ଦମାରେ ଅଗ୍ରିମ ହେବ। | ଟ ୩୩ ।୶ ୪ ଅଙ୍କ ଟ ୨୨ ୶ ୨ ହେଉ ଅଛି | | |
| ୩ | । ପ୍ର । କୋଠଦେଶ ନ ୪୦ ନୂଆ ତଉଜିଭୁକ୍ତ ଅବଲ । ଜା । ଜାଜପୁର । ମୌ । ବାଗଲପୁର ଜମିଦାର ଓ ଅନ୍ୟର ହବଲଜମା ଅଂଶ ମଧ୍ୟରୁ ଏ ମୋକଦ୍ଦମାରେ ଲେଖଥିବା । ଲ । ଟ ୦୫ କୁ ଜମା ମଧ୍ୟୋଷ । ମୂ । ଏ ମୋକଦ୍ଦମାରେ ଅଗ୍ରିମ ହେବ। | ଟ ୧୦୮ ଲା ଅଙ୍କ ଟ ୭୫ ହେଉଅଛି। | | |
| ୪ | । ପ୍ର । କୋଠଦେଶ ଅବଲ । ଜା । ଜାଜପୁର ନ ୪୨ ନୂଆ ତଉଜିଭୁକ୍ତ । ପ୍ର । କୋଠଦେଶ । ମୌ । ରଘୁନାଥପୁର ଓଗେର ଜମିଦାର ଓ ଅନ୍ୟର ହବଲଜମା ଅଂଶ ମଧ୍ୟରୁ ଏ ମୋକଦ୍ଦମାରେ ଲେଖଥିବା । ଲ । ଟ ୦୫ କୁ ଜମାମଧ୍ୟୋଷ । ମୂ । ଏ ମୋକଦ୍ଦମାରେ ଅଗ୍ରିମ ହେବ। | ଟ ୧୧।/ ୨। ଅଙ୍କ ଟ ୫୪୶୭ ୶ ହେଉଅଛି | | |
| ୫ | । ପ୍ର । କୋଠଦେଶ । ମୌ । ଜଗନ୍ନାଥ ପୁର ଲଖରାଜ ଥିବା । ପୁ । ଖାରିଜ ମା ୩।୩।/ ମଧ୍ୟରୁ ଏ ମୋକଦ୍ଦମାରେ ଲେଖଥିବା । ଲ । ଟ ୦୫ କୁ ମା ୧।୨୩ ୶/୧୦ ଜମି ଏ ମୋକଦ୍ଦମାରେ ଅଗ୍ରିମ ହେବ। | | | |
| ୬ | । ପ୍ର । କୋଠଦେଶ । ମୌ । ପାହାଡ଼ି ଲଖରାଜ ଥିବା । ପ । ଖାରିଜ ମା ୩୮ ମଧ୍ୟରୁ ଏ ମୋକଦ୍ଦମାରେ ଲେଖଥିବା । ଲ । ଟ ୦୫ କୁ ମା ୦।୬। ଜମି ଏ ମୋକଦ୍ଦମାରେ ଅଗ୍ରିମ ହେବ। | | | |
| ୭ | । ପ୍ର । କୋଠଦେଶ । ମୌ । ନଅଗଁ ବ୍ରହ୍ମପୁରରେ ଥିବା । ଖା । ଜାଜପୁର ମା ୩୮।୧୨ ମଧ୍ୟରୁ ଏ ମୋକଦ୍ଦମାରେ ଲେଖିଥିବା । ଲ । ଟ ୦୫ କୁ ମା ୦।୮ ଜମି ଏ ମୋକଦ୍ଦମାରେ ଅଗ୍ରିମ ହେବ। | | | |
| ୮ | । ପ୍ର । କୋଠଦେଶ । ମୌ । ଅଟଡ଼ା ଲଖରାଜ ଥିବା । ଖ । ଖାରିଜ ମା ୦।୧୫୶ ମଧ୍ୟରୁ ଏ ମୋକଦ୍ଦମାରେ ଲେଖ ଥିବା । ଲ । ଟ ୦୫ କୁ ମା ୦।୬୶ ଜମି ଏ ମୋକଦ୍ଦମାରେ ଅଗ୍ରିମ ହେବ। | | | |
| ୯ | । ପ୍ର । କୋଠଦେଶ । ମୌ । ଖାଲେଶ୍ୱର ଲଖରାଜରେ ଥିବା । ଖ । ଖାରିଜ ମା ୦।୧୯ ଜମି ମଧ୍ୟରୁ ଏ ମୋକଦ୍ଦମାରେ ଲେଖଥିବା ଲ । ଟ ୦୫ କୁ ମା ୦।୧୦ ଜମି ଏ ମୋକଦ୍ଦମାରେ ଅଗ୍ରିମ ହେବ। | | | |
| ୧୦ | । ପ୍ର । କୋଠଦେଶ । ମୌ । ଭଟପୁରରେ ଥିବା । ଖ । ଖାରିଜ ମା ୩।୪ ୶/ ମଧ୍ୟରୁ ଏ ମୋକଦ୍ଦମାରେ ଲେଖ ଥିବା । ଲ । ଟ ୦୫ କୁ ମା ୦।୨ ୶/ ଜମି ଏ ମୋକଦ୍ଦମାରେ ଅଗ୍ରିମ ହେବ। | | | |
| ୧୧ | । ପ୍ର । କୋଠଦେଶ । ମୌ । ଅମିରେ ଲଖରାଜରେ ଥିବା । ଖ । ଖାରିଜ ମା ୩।୨୪ ମଧ୍ୟରୁ ଏ ମୋକଦ୍ଦମାରେ ଲେଖଥିବା । ଲ । ଟ ୦୫ କୁ ମା ୧।୨୪ ଜମି ଏ ମୋକଦ୍ଦମାରେ ଅଗ୍ରିମ ହେବ। | | | |
| ୧୨ | । ପ୍ର । କୋଷଣା । ମୌ । କେନ୍ଦୁଆପଦାରେ ଥିବା । ଖ । ଜାଜପୁର ମା ୩।୧୫ ଜମି ଓ ଅନ୍ୟ ଉପରେ ଥିବା ଘରଖ ନ ୨୧୭ ଓ ଅଙ୍କ ନ ୨ ଓ ମଧ୍ୟରୁ ଏ ମୋକଦ୍ଦମାରେ ଲେଖଥିବା । ଲ । ଟ ୦୫ କୁ ମା ୧।୭୩ ଜମି ଓ ଘର ବାଡ଼ି ମଧ୍ୟରୁ । ଲ । ଟ ୦୫ ଏ ମୋକଦ୍ଦମାରେ ଅଗ୍ରିମ ହେବ। | | | |
| ୧୩ | । ପ୍ର । ଅନ୍ତୁଦେଶ । ମୌ । ଗର୍ଭୀକିଆରେ ଥିବା । ଖ । ଜାଜପୁର ମା ୨।୧୨୩/ କୁ ଜାଜପୁର ଜମା ମା ୧୧।୧୪୶/ ମଧ୍ୟରୁ ଏ ମୋକଦ୍ଦମାରେ ଲେଖଥିବା । ଲ । ଟ ୦୫ କୁ ମା ୨।୨୦/ ଜମି ଏ ମୋକଦ୍ଦମାରେ ଅଗ୍ରିମ ହେବ। | ଟ ୮ ୶ ୧୧୶ ପ୍ରାୟ | | |
| ୧୪ | ପୁର ଲଖରା ପଟଣାପଡ଼ାଙ୍କ ଅଧିକ ପୁରରେ ଥିବା । ଖ । ଖାରିଜ ଅଙ୍କ ମା ୦।୫୶ ଜମି ଓ ଅନ୍ୟ ଉପରେ ଥିବା ଘରର ଘର । ୩। ମଧ୍ୟରୁ ଏ ମୋକଦ୍ଦମାରେ ଲେଖଥିବା । ଲ । ଟ ୦୫ କୁ ମା ୦।୩/୧୦ ଜମି ଓ ଘରର ମଧ୍ୟରୁ । ଲ । ଟ ୦୫ ଘରରେ ସ୍ୱତ୍ୱାଧିକାର ସେ ସ୍ୱତ୍ୱର ଅଟେ ଏ ମୋକଦ୍ଦମାରେ ଅଗ୍ରିମ ହେବ। | | | |

Digitized by srujanika@gmail.com

REGISTERED No.

155

# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା ।

ଭାଗ ୨୯ ସ । ସଂ ୧୮ ସଂଖ୍ୟା । ତା ୪ ଠା ମାର୍ଚ୍ଚ ସନ ୧୮୯୫ ମସିହା । ମୁ । ଇ ୨୪ ତ ବୈଶାଖ ସନ ୧୩୦୨ ସାଲ ଶକାବ୍ଦ । ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୫ । ପଶ୍ଚାଦ୍ଦେୟ ଟ ୬

କଟକରେ ଚାଉଳ ଦର ପୂର୍ବାପେକ୍ଷା କିଛି ବୃଦ୍ଧି ହୋଇଅଛି ମାତ୍ର ଅନ୍ୟାନ୍ୟ ବଜାର ଦର ବୃଦ୍ଧି ହୋଇ ନାହିଁ । ସମ୍ଭବତଃ ଏ ବୃଦ୍ଧି ସ୍ଥାୟୀ ନୁହେ ।

---

ପରଲୋକଗତ ସ୍ୱର୍ଗ ଜଗନ୍ନାଥଶୋଭ ଦାସ ବାହାଦୂରଙ୍କ ପରିବାର ବର୍ଗଙ୍କୁ ସାନ୍ତ୍ୱନା ଦେବା- ନିମନ୍ତେ ଓ ମୃତ ମହାତ୍ମାଙ୍କର ନାମ ଚିରସ୍ମରଣୀୟ କରିବାର ଉପାୟ ବିଧାନ କରିବା- ନିମନ୍ତେ ଗତ ଶନିବାର ରେଭେନ୍‌ସା କଲେଜର ଛାତ୍ରମାନେ ଗୋଟିଏ ସଭା କରିଥିଲେ । ବାବୁ ମଧୁସୂଦନ ଦାସ ସଭାପତିପଦରେ ବରିତ ହୋଇଁ ସ୍ୱର୍ଗୀୟ ବାହାଦୁରଙ୍କର ମହାତ୍ମ୍ୟ ବର୍ଣ୍ଣନ କରିଥିଲେ । ପ୍ରସ୍ତାବନୀୟ ନିର୍ଦ୍ଧାରଣମାନ ଗୃହୀତ ଓ ଅନୁମୋଦିତ ହେଲା ପରେ ସଭା ଭଙ୍ଗ ହୋଇଥିଲା ।

—୦*୦—

ମଧ୍ୟପ୍ରଦେଶର ନାନା ସ୍ଥାନରେ ବିଶେଷତଃ ନାଗପୁର ଓ ଝାନ୍‌ସିର ଜିଲ୍ଲାରେ ଏବଂ ଓଡ଼ିଶା- ଗଡ଼ଜାତ ମଧ୍ୟରେ କଳାହାଣ୍ଡି ନରସିଂହପୁର ଢେ- ଙ୍କାନାଳ ଓ ଶାଲିକୋଡ଼ାରେ ଅଜନ୍ମା ଉପ- ସ୍ଥିତ ହେବାର ସମ୍ବାଦ ଆସିଅଛି । ଓଡ଼ିଶା- ମୋଗଲବନ୍ଦୀରେ ମଧ୍ୟ ଅଜନ୍ମା ଅଭାବ ହୋ- ଇଅଛି । ଅଧିକାଂଶ ଲୋକ ଦୁଇ ସନ୍ଧ୍ୟାରେ ଏକଅଧ ମୁଠା ପେଟପୂରା ଅହାର ପାଉ ନାହାଁ- ନ୍ତି ଏବଂ ଠାବେ ଠାବେ ଲୋକ ପେଟ ଜୋ- ଯିଣି ଲାଗି ବୁଲିବାକୁ ଆରମ୍ଭ କଲେଣି, ସାହାଯ୍ୟ- ର ବ୍ୟବସ୍ଥା କିଛି ହେବ ନାହିଁ କି ? ଅନ୍ତତଃ ଶୀଘ୍ର ଅନୁସନ୍ଧାନ ହେବା ଉଚିତ ।

---

ସମସ୍ତ ବଙ୍ଗ ପ୍ରଦେଶରେ ଖରିପ୍ ଅର୍ଥାତ୍ ବର୍ଷାକାଳର ଫସଲ ନିମନ୍ତେ ସନ ୧୮୯୩।୯୪ ସାଲରେ ମୋ ୬୯୨ ଲ ଜମିରେ ଚାଷ ଲାଗି ଥିଲା ଏବଂ ତହିଁ ପୂର୍ବ ବର୍ଷରେ ଚାଷତଳ ମାଟିଆ ଭୂମିର ପରିମାଣ ମୋ ୬୬୬- ଲ ଥିଲା । ଚାଷକାଳର ପ୍ରୟୋଜନ ଏତେ ଭଲ ହେବାର କାରଣ ଅତି ବୃଷ୍ଟି ଅଟଇ । ପାଟନା- ଭାଗଲପୁର ଛଡ଼ା ଆଉ ସମସ୍ତ ବିଭାଗରେ ଗତବର୍ଷ- ଠାରୁ ବୃଷ୍ଟିର ପରିମାଣ ଅନେକ ଅଧିକ ଥିଲା । ଯେ ସବୁ ଜାଗାରୁ ଅଳ୍ପଜଳ ବୃଷ୍ଟି ହୋଇଅଛି ତହିଁ ମଧ୍ୟରେ ଲଡ଼ନ, ମେଦିନୀପୁର ଏବଂ ଓଡ଼ି- ଶା ଜାଗାମାନ ପ୍ରଧାନ ଅଟେ ।

---

ଇଂଲଣ୍ଡରୁ ଯେତେ ବସ୍ତ୍ର ଭାରତବର୍ଷକୁ ପ୍ରତି- ବର୍ଷ ଆମଦାନୀ ହୁଅଇ ତହିଁର ପ୍ରାୟ ଏକ ଚତୁ- ର୍ଥାଂଶ ଛିଟ ପ୍ରଭୃତି ରଙ୍ଗ ବସ୍ତ୍ର ଅଟେ । ଏହି ରଙ୍ଗବସ୍ତ୍ର ଅଦ୍ୟାପି ଭାରତର କୌଣସି ସ୍ଥଳରେ ପ୍ରସ୍ତୁତ ହୋଇ ନାହିଁ । ଏସବୁକୁ ଆମଦାନୀ ମାସୁ- ଲରୁ ଛାଡ଼ ଦେବାର କଥା ଶ୍ରୀଯୁକ୍ତ ମାକ୍‌ଫର- ଲେନ ସାହେବ ଭାରତ ପାରଲିମେଣ୍ଟ ସଭାରେ ପ୍ରଶ୍ନ କରନ୍ତେ ଭାରତୀୟ ସେକ୍ରେଟରୀ ଉତ୍ତର କହିଲେ ଏମାସୁଲ ଉଠାଇବା ଅଧିକ ଜାଣି ହୋଇ ଅଛି ଏବଂ ସେ ସମ୍ବନ୍ଧରେ ଆଉ କୌଣସି ପ୍ରସ୍ତାବ ଗବର୍ଣ୍ଣମେଣ୍ଟଙ୍କ ସମ୍ମୁଖରେ ଉପସ୍ଥିତ ହୋଇ ନାହିଁ ଏ ଉତ୍ତର ସନ୍ତୋଷଜନକ ହୋଇ ନ ପାରେ ।

---

ଓଡ଼ିଶା କମିଶନର ଅତ୍ୟାଚାରର ପ୍ରସଙ୍ଗ ଭାରତ ପାରଲିମେଣ୍ଟ ସଭାରେ ଉପସ୍ଥିତ ହୋଇ- ଥିଲା । ଲର୍ଡ ସଏ ଉତ୍ତର ଦେଲେକି ଏବେ ସରକାରୀ କର୍ମଚାରୀମାନେ ଅଭଦ୍ର ବ୍ୟବହାର ଦେଖାଇ ଥିବାର ସମ୍ବାଦ ମାତ୍ର ଗବର୍ଣ୍ଣମେଣ୍ଟ ସାମାନ୍ୟ ଲୁଏଡ଼ର୍ସ୍ ଲୋକ ବାହାର କରିବାର ଆଦେଶ ଦେଇ ନାହାନ୍ତି । ଗବର୍ଣ୍ଣମେଣ୍ଟଙ୍କ ଆଦେଶ ଆଉ ବା କ ଆଉ କମଡ ସ୍ପେସ- ତାଙ୍କ ଅଭ୍ୟାଗତଙ୍କ ସମ୍ମାନ ନାହିଁ । ଭାରତର ସେକ୍ରେଟରୀ ଏହା ସ୍ୱୀକାର କରିବା ପ୍ରତ୍ୟେକ ତହିଁର ବନ୍ଧ ପ୍ରତିକାର କରିବେ ନାହିଁ କି ? ମୂଲକଥା କମଡ ଅଲଜ ବଡ଼ ଅତ୍ୟାଚାର ହୋଇ- ଅଛି ଏବଂ ତହିଁର ପରିବର୍ତ୍ତନ ଆବଶ୍ୟକ ।

---

ଆସାମର ନୂତନ ବନ୍ଦୋବସ୍ତରେ ଗବର୍ଣ୍ଣମେଣ୍ଟ ରଇୟତମାନଙ୍କୁ ଯେଉଁ ପଟ୍ଟା ଦେବେ ତହିଁରେ ଡେପୁଟି କମିଶନରଙ୍କ ସମ୍ମତି ବିନା କୌଣସି ରଇୟତ ହସ୍ତାନ୍ତର କରି ନ ପାରିବା ଓ କଲେକ୍ଟରଙ୍କର ସମ୍ମତି ଦେବାକୁ ଇଚ୍ଛା ଜଣାଇବାର ଅଧିକାର ଥିବା ନିର୍ମିତରେ ସର୍ତ୍ତ ଲେଖାଇ ନେବାର ଆସାମ ଗେଜେଟରେ ବିଜ୍ଞାପନ ଦିଆ ଯାଇଅଛି । ଏ ହେତୁ

Split by PDF Splitter

Digitized by srujanika@gmail.com

Split by PDF Splitter



ଅସାମ ଅଞ୍ଚଳରେ ଗସ୍ତି ଆନ୍ଦୋଳନ ଲାଗିଯାଇଅଛି । ଏପରି ସର୍ବତ୍ରାସ୍ତ ପୁରୁଷାନୁକ୍ରମେ ଭୂମି ଭୋଗଦଖଲ କରିବାର ସ୍ୱତ୍ୱ ପ୍ରତି ପ୍ରକୃତରେ କୁଠାରାଘାତ କଲିଅଛି ଏବଂ ତଦ୍ୱାରା ଭୂମିର ମୂଲ୍ୟ ଯେ ହ୍ରାସ ହୋଇଯିବ ତହିଁରେ ସନ୍ଦେହ ନାହିଁ । ଅସାମର ଗଉହାଟି ଓ ଶିବସାଗର ପ୍ରଭୃତି ସ୍ଥଳରେ ପ୍ରକାଣ୍ଡ ସଭାମାନ ହୋଇ ଏ ସମ୍ବନ୍ଧରେ ଗବର୍ଣ୍ଣମେଣ୍ଟଙ୍କୁ ଆବେଦନ କରିବା ମର୍ମରେ ପ୍ରସ୍ତାବମାନ ଧାର୍ଯ୍ୟ ହୋଇଅଛି ।—ଦେଖାଯାଉ ଆନ୍ଦୋଳନର ଫଳ କ'ଣ ହେବ !

---

ଅସ୍ମାନଙ୍କର ଶ୍ରୀଯୁକ୍ତ ମାଜିଷ୍ଟ୍ରେଟ ସାହେବଙ୍କ ମୁନ୍ସିଖାନାର କବାଟ ଗତ ସୋମବାର ରାତ୍ରିରେ ଭାଙ୍ଗି କୌଣସି ଚୋର ଟ ୪୦୯ ଙ୍କା ମୂଲ୍ୟର ଷ୍ଟାମ୍ପ-କାଗଜ ଚୋରିକରି ନେଇଅଛି । ସରକାର ଉକ୍ତ ଟ ୩୦୯ ଙ୍କା ପୁରସ୍କାର ମଞ୍ଜୁର କରିଅଛନ୍ତି । ଏତେ ଅଳ୍ପ ପୁରସ୍କାର ପାଇବାର ଅଭିପ୍ରାୟ କି ? ମାଜିଷ୍ଟ୍ରେଟ ସାହେବ ଅବଗତ ଅଛନ୍ତି ଯେ ପୁଲିସ ଚୋର ଧରିବାରେ ଅଶକ୍ତ ଏବଂ ପୁରସ୍କାର ବିନା କେହି ଚୋର ଧରାଇଦେବାକୁ ମନୋଯୋଗୀ ହେବେ ନାହିଁ ! ଗରିବ ପ୍ରଜାମାନେ ପୁରସ୍କାର ଦେବାକୁ ଅକ୍ଷମ ସୁତରାଂ ସେମାନଙ୍କ ଘରେ ହେଉଥିବା ଚୋରିର ଅଧିକାଂଶ ଧରାପଡ଼େ ନା ।

---

କଲିକତା ବିଶ୍ୱବିଦ୍ୟାଳୟର ନିୟମ ଥିଲା କି ଯେ ବ୍ୟକ୍ତି ବି, ଏ, ପାସ କରି ନାହିଁ ସେ ଏମ, ଡି, ପରୀକ୍ଷାରେ ଉପସ୍ଥିତ ହୋଇ ପାରିବ ନାହିଁ । ସମ୍ପ୍ରତି ବିଶ୍ୱବିଦ୍ୟାଳୟର କର୍ତ୍ତାମାନେ ନିୟମ କରିଅଛନ୍ତି କି ଯେ ବ୍ୟକ୍ତି ଏମ, ବି, ପାସ କରିଥିବ ସେ ଏମ, ଡି, ପରୀକ୍ଷା ଦେଇ ପାରିବ । ଅର୍ଥାତ୍ ଚିକିତ୍ସା ବିଜ୍ଞାନର ଏମ, ଡି, ପରୀକ୍ଷା ସକାଶେ ପ୍ରଥମେ ବି, ଏ, ପରୀକ୍ଷାରେ ପାସ କରିବାର ଆବଶ୍ୟକ ନାହିଁ । ଚିକିତ୍ସାବିଦ୍ୟାରେ ପାରଦର୍ଶିତା ଦେଖାଇବା ପକ୍ଷେ ଏହା ସୁବିଧାଜନକ ସନ୍ଦେହ ନାହିଁ ଏବଂ ଯେଉଁସ୍ଥଳେ ଇଂଲଣ୍ଡରେ ଏଫ, ଏ, ପାସ ନ କଲେ ମେଡ଼ିକାଲ କଲେଜରେ ଭର୍ତ୍ତି ହେବାର ନିୟମ ନାହିଁ ସେ ସ୍ଥଳେ ଏମ, ଡି, ଉପାଧି ଥାଇ ଇଂରାଜୀ ଭାଷାଜ୍ଞାନ ଅଳ୍ପ ଜଣା ହେବାର ବୋଲିଯାଇ ନ ପାରେ ।

---

ଗତ ଶୀତକାଳରେ ପୁଲିସ ସବଇନସ୍ପେକ୍ଟର ପରୀକ୍ଷା ହୋଇ ଯାଇଥିଲା । ଏଥି ମଧ୍ୟରେ ଅନ୍ତତଃ ୬୦ ଜଣ ସବଇନସ୍ପେକ୍ଟର ପ୍ରୟୋଜନ ହେବାରୁ ଗବର୍ଣ୍ଣମେଣ୍ଟ ବିଜ୍ଞାପନ ଦେଇ ଅଛନ୍ତି କି ଆସନ୍ତା ଜୁଲାଇମାସ ତା ୧୬ ଓ ୧୭ ରିଖରେ କଲିକତା ପାଟନା ଢାକା ଏବଂ କଟକ ଏହି ଚାରି ସ୍ଥାନରେ ସବଇନସ୍ପେକ୍ଟରିପଦ ପ୍ରାର୍ଥୀମାନଙ୍କର ପରୀକ୍ଷା ଗୃହୀତ ହେବ । ପରୀକ୍ଷାର ନିୟମମାନ ପୂର୍ବବତ୍ ଅଟଇ ସୁତରାଂ ସେ ସମସ୍ତର ପୁନରୁଲ୍ଲେଖ ଆବଶ୍ୟକ ନାହିଁ । ଅସ୍ମେମାନେ ଆଶା କରୁଁ କି ଉତ୍କଳର ଏଥର ପରୀକ୍ଷାର୍ଥିଙ୍କ ସଂଖ୍ୟା ଅଧିକ ହେବ । ୬୦ ଗୋଟା କାର୍ଯ୍ୟ ଖାଲିଥିବା ପ୍ରତ୍ୟେକ ପରୀକ୍ଷକଙ୍କର କୃତକାର୍ଯ୍ୟତା ଲାଭ କରିବାର ସମ୍ଭାବନା ଅଛି । ଯେଉଁମାନେ ପ୍ରବେଶିକା ପରୀକ୍ଷା ପାଶ କରି ଅଛନ୍ତି ଏବଂ ବୟସ ର ୨୫ ବର୍ଷରୁ ଊର୍ଦ୍ଧ୍ୱ ହୋଇ ନାହିଁ ସେମାନଙ୍କର ଏ ସୁବିଧା ଛାଡ଼ିବା କଦାପି ଉଚିତ ନୁହେ । ପୁଲିସ ସବଇନସ୍ପେକ୍ଟରମାନଙ୍କର ମର୍ଯ୍ୟାଦା ମଧ୍ୟ ପୂର୍ବଠାରୁ ବଢ଼ିଅଛି ଏବଂ ଉନ୍ନତିର ମାର୍ଗ ପ୍ରଶସ୍ତ ହୋଇଅଛି । ପରୀକ୍ଷାର୍ଥୀ ନିୟମାବଳି ଗତମାସ ତା ୨୫ ରିଖର ଗେଜେଟରେ ପ୍ରକାଶିତ ହୋଇଅଛି ।

---

କଲିକତା ବିଶ୍ୱବିଦ୍ୟାଳୟର ଗତ ପ୍ରବେଶିକା ପରୀକ୍ଷାରେ ଓଡ଼ିଶାର ୧୨ଟି ସ୍କୁଲରୁ ଯେତେ ଛାତ୍ର ପରୀକ୍ଷା ଦେଇଥିଲେ ଏବଂ ସେମାନଙ୍କ ମଧ୍ୟରୁ ଯେତେ ପାସ କରିଅଛନ୍ତି ତହିଁର ତାଲିକା ନିମ୍ନେ ଲେଖା ଗଲା, ଯଥା ।

ପାସ ସଂଖ୍ୟା ।

| | ପରୀକ୍ଷାର୍ଥୀ | ୧ମ | ୨ୟ | ୩ୟ | ମୋଟ |
|---|---|---|---|---|---|
| କଟକ କଲେଜିଏଟ | ୨୪ | ୦ | ୭ | ୭ | ୧୪ |
| " ପ୍ୟାରୀମୋହନ | ୨୨ | ୧ | ୪ | ୦ | ୫ |
| " ମିସନ | ୪ | ୦ | ୦ | ୨ | ୨ |
| କେନ୍ଦ୍ରାପଡ଼ା | ୧୩ | ୧ | ୦ | ୩ | ୪ |
| ଯାଜପୁର | ୨ | ୦ | ୧ | ୧ | ୨ |
| ବାଲେଶ୍ୱର | ୧୪ | ୦ | ୨ | ୩ | ୫ |
| ଭଦ୍ରଖ | ୪ | ୦ | ୦ | ୦ | ୦ |
| ମୟୂରଭଞ୍ଜ | ୪ | ୦ | ୧ | ୦ | ୧ |
| ପୁରୀ | ୫ | ୦ | ୩ | ୧ | ୪ |
| ଲକ୍ଷ୍ମଣନାଥ | ୨ | ୦ | ୦ | ୨ | ୨ |
| ବାମ୍ବାରଗଡ଼ | ୧୩ | [illegible] | [illegible] | [illegible] | [illegible] |

ପାସ କରିଥିବା ଛାତ୍ରଙ୍କ ନାମ ଗତ ସପ୍ତାହର ଉତ୍କଳଦୀପିକା ସଙ୍ଗେ ଏକଖଣ୍ଡ ଅତିରିକ୍ତ ପତ୍ରରେ ପ୍ରକାଶିତ ହୋଇଅଛି । ପୁନର୍ବାର ପ୍ରକାଶ କରିବାର ପ୍ରୟୋଜନ ନାହିଁ । ଏଫ, ଏ, ପରୀକ୍ଷାର ଫଳ ଏହି ସପ୍ତାହରେ ବାହାରିବାର କଥା ଅଛି ।

---

ସଞ୍ଜୀବନୀରୁ ଅବଗତହେଲୁଁ ଯେ ଗତମାସ ତା ୨୦ ରିଖରେ ଡାକ୍ତର କେ, ଡି, ଘୋଷ ହିନ୍ଦୁସମାଜଭୁକ୍ତ ହେଲେ । ଡାକ୍ତର ମହାଶୟ ବହୁଦିନ ବିଲାତରେ ଥାଇ ଖ୍ରୀଷ୍ଟାନଧର୍ମ ଗ୍ରହଣ ଏବଂ ବିଲାତି ଜଣେ ସ୍ତ୍ରୀକୁ ବିବାହ କରିଥିଲେ ଏବଂ ଏହି ଦମ୍ପତିଯୋଗେ ତିନିଜଣ ପିଲାର ପିତା ହୋଇଥିଲେ । ଗତବର୍ଷ ସେହି ବିଲାତିକା ବିବାହଭଙ୍ଗର ନାଲିସ କରି ଫାରଖତ ଦେଇ ବିଲାତକୁ ଗଲେ । ଡାକ୍ତର ଘୋଷ ମହାଶୟ ବର୍ତ୍ତମାନ ଶାସ୍ତ୍ରାନୁସାରେ ହିନ୍ଦୁସମାଜରୁ ଫେରି ଆସିଅଛନ୍ତି । କଲିକତା ଶୋଭାବଜାରର ରାଜବଂଶ ପାଥୁରିଆଘାଟାର ଘୋଷବଂଶ ଉତ୍ତରପଡ଼ାର ଦେ-ବଂଶ ଏବଂ ମହାମହୋପାଧ୍ୟାୟ ନ୍ୟାୟରତ୍ନ ଏପରି ଗଣ୍ୟମାନ୍ୟ ବ୍ୟକ୍ତିମାନଙ୍କ ଅନୁମୋଦନମତେ ଏ କାର୍ଯ୍ୟ ସମାଧା ହୋଇଥିବାର ପ୍ରକାଶ । ଡାକ୍ତରଙ୍କ ପିତାମାତା ଖ୍ରୀଷ୍ଟାନ ରହିଲେ କି ପିତାଙ୍କ ସଙ୍ଗେ ହିନ୍ଦୁ ହେଲେ ଜଣାଯାଉ ନାହିଁ । ଆଗେ ହିନ୍ଦୁଧର୍ମ ଏତେ କଠୋର ଥିଲା ଯେ କେହି ହିନ୍ଦୁ ମୁସଲମାନ ଅଥବା ଖ୍ରୀଷ୍ଟାନ ତଥା ଇତର ଜାତି ଅସ୍ପୃଶ୍ୟଠାରୁ ନିମ୍ନଶ୍ରେଣୀର ହିନ୍ଦୁଘରେ ଭୋଜନ କଲେ ଜାତି ଯାଉଥିଲା । ଏବଂ ସମାଜରୁ ବହିଷ୍କୃତ ହେଉଥିଲା । ଏକାବେଳକେ ଏତେ ଲେଉଟିଗଲା ଯେ ହିନ୍ଦୁ ଅନ୍ୟଧର୍ମ ଗ୍ରହଣ କଲା ଉତ୍ତାରୁ ମଧ୍ୟ ଶାସ୍ତ୍ରାନୁସାରେ ପ୍ରାୟଶ୍ଚିତ୍ତ କରି ସ୍ୱଧର୍ମକୁ ଫେରିଆସିବ । ସୁତରାଂ ଏଣିକି ହିନ୍ଦୁସମାଜର କ୍ଷୟ ନ ହୋଇ ବୃଦ୍ଧି ହେବ । ଯେହେତୁ ଅନ୍ୟଧର୍ମାବଲମ୍ବୀମାନେ ଇଚ୍ଛା କଲେ ଅନାୟାସରେ ହିନ୍ଦୁ ହୋଇପାରିବେ । କଲିକତାବାସୀ ହିନ୍ଦୁମାନେ ସମୟ ଦେଖି ଏହି ଉଦାରତା ପ୍ରକାଶ କରି ବଦାନ୍ୟତାର କାର୍ଯ୍ୟ କରିଅଛନ୍ତି ପ୍ରାୟ ଏହାର ବ୍ୟବସ୍ଥା ସର୍ବସାଧାରଣଙ୍କ ଜାଣିବା କାରଣ ପ୍ରକାଶ କରାଯିବା ଉଚିତ ।

---

ଏକସ୍ଥାନ ବାଟେ ସନ୍ଧ୍ୟା ସମୟରେ ଜଣେ ପଥିକ ଗୃହଯାଉଁ ଥିଲା ଧୂଆଁ ବାହାରିବାର ଦେଖା ହେବାରୁ ଦ୍ୱାରରେ ଛିଡ଼ା ହୋଇ ଟିକିଏ ନିଆଁ ମାଗନ୍ତେ ଘରଭିତରୁ ଜଣେ ଯୋଦ୍ଧା-

Digitized by srujanika@gmail.com

Split by PDF Splitter



ସ୍ତ୍ରୀ ତାହାର ଆସି ମହା କୋପରେ କହିଲା "ତୁ କି ଜାଣୁ ନା ଯେ ମୁଁ ବୟସା ସନ୍ତେବେଳେ ମୋ ଘରେ ବସ୍ତ୍ରୀ ଥିଲେ ହୋଇ ମୋତେ ଭାଇଁ ମାରିଲୁ ଦେବେ ମୁଁ ସ୍ୱତ୍ତରେ ଗାଡ ଖାଏଁ ଦେବେ ମୁଁ ଭୁଲିଛା" । ଏହା କହି ଯମୁରେ- ନାମ୍ନି ଗାଡ ଦେଲା । ଏକ ୨ ସ୍ଥାନରେ ଏପରି କଳହ ସ୍ତ୍ରୀ ଆଉ ଅକାରଣ ବା ଅଳ୍ପ କଥାରେ ଚିଡ଼ି ଗାଳିଦେବାର ପତ୍ନୀକୁ ଜଣା ଥିଲା । ସୁତରାଂ ସେ କଥା ଏହା ଦେଖି ନୀରବ ହୋଇ ରହିଗଲା । ଗତ ମାର୍ଚ୍ଚ ମାସ ତା ୨୮ ରିଖର ସମ୍ବଲପୁର ହିତୈଷିଣୀରେ "ଗଞ୍ଜେଇ କମିଶନ" ପ୍ରବନ୍ଧଟି ପଢ଼ି ଉପର ଲିଖିତ ଗଳ୍ପଟି ଆମ୍ଭମାନଙ୍କ ମନେ ପଡ଼ିଗଲା । ସରକାର ଗଞ୍ଜେଇ-କମିଶନ ବସାଇ ସାକ୍ଷ୍ୟ ସଂଗ୍ରହ କରୁଅଛନ୍ତି ଏବଂ ଯାହାରୁ ଯାହା ଜଣାଅଛି ତାହାଠାରୁ ତାହା ବୁଝୁ ଅଛନ୍ତି । ଅମ୍ଭେମାନେ ସେସମ୍ବନ୍ଧରେ ଆପଣା ମତ ବ୍ୟକ୍ତ କରିଥିଲୁଁ । ସହଯୋଗିଙ୍କ ମନକୁ ବ ଅସିଲା ଓ ଚଢ଼ିବାର କଥା କିସ ଥିଲା । ଇହା ହେଲେ ସେ କମିଶନଙ୍କ ନିକଟରେ ସାକ୍ଷ୍ୟ ଦେଇ ଅନ୍ୟର ଭ୍ରମ ଦେଖାଇ ପାରନ୍ତି । ବସ୍ତୁସ୍ୱାଧୀନ ସମୟରେ ଭଲ କରିବାର କାରଣ କି ? ଯୁକ୍ତିଯୁକ୍ତ କଥା ହେଲେ ତହିଁର ଉତ୍ତର ଦେଇନୁ ଦଳୁ ଯେସ୍ଥଳେ ତାହାଙ୍କର ଧାରଣା ଯେ ବିଜ୍ଞାରେ କିଛି ଅପେକ୍ଷ୍ୟ ଗୁଣ ନାହିଁ ଡାକ୍ତର ବୈଦ୍ୟମାନେ ଭୁଲିକୁ ତହିଁର ବ୍ୟବହାର କରନ୍ତି ସେ ସ୍ଥଳେ ନୀରବ ରହିବା ଶ୍ରେୟ । ଅମ୍ଭେମାନେ ତାହାଙ୍କ ଚଳହବୃତ୍ତିକୁ ନ ଜାଣି ଛେଡଦେବାକୁ କ୍ଷମା ପ୍ରାର୍ଥନା ପୂର୍ବକ ଅନୁରୋଧ କରୁଅଛୁଁ କି ଗୋସାଇଁ କମିଶନଙ୍କ ରିପୋର୍ଟ ବାହାରିବା ପର୍ଯ୍ୟନ୍ତ ସମ୍ଭାଳି ହୁଅ ମତ ବ୍ୟକ୍ତ କରିବାର ସମୟ ବାହାର ଯାଇ ନାହିଁ ।

---

## ଇନକମ ଟିକସର କଠୋରତା ।

ଚଳିତ ବଜେଟରେ ଚଳିତ ବର୍ଷକୁ ଇନକମ୍ ଟିକସ ଏକପ୍ରକାର ଅଧିକ ହୋଇଥିଲେ ହେଁ ତହିଁରୁ ପ୍ରକାଶ ଯେ ଯେଉଁମାନଙ୍କର ଆୟ ୧୬୦ ପାଉଣ୍ଡରୁ ଊଣା ସେମାନେ ଅଦୌ ଏଟିକସ ଦେବେ ନାହିଁ ଏବଂ ଯେଉଁ ମାନଙ୍କର ଆୟ ୪୦୦ ପାଉଣ୍ଡରୁ ଅଧିକ ନୁହେଁ ସେ ମାନଙ୍କର ଆୟରୁ ୧୬୦ ପାଉଣ୍ଡ ବାଦ ଦିଆଯାଇ ଅବଶିଷ୍ଟ ଆୟ ଉପରେ ଇନକମ୍ ଟିକସ ଲଗାଯିବ ଏବଂ ଯେଉଁ ମାନଙ୍କର ଆୟ ୪୦୦ ପାଉଣ୍ଡ ଅବା ତହିଁରୁ ଅଧିକ ଓ ୭୦୦ ପାଉଣ୍ଡରୁ ଊଣା ଅଟଇ ସେମାନଙ୍କର ଆୟରୁ ୧୦୦ ପାଉଣ୍ଡ ଇନକମ୍ ଟିକସ ଦାୟରୁ ମୁକ୍ତ ହେବ । ଏଥିରୁ ପାଠକମାନେ ଦେଖିବେ ଯେ ପାଉଣ୍ଡଟିର ମୂଲ୍ୟ ଟ ୧୬ ଙ୍କା (ବର୍ତ୍ତମାନ ପାଉଣ୍ଡର ମୂଲ୍ୟ ଟ ୧୬ ଙ୍କାରୁ ଅଧିକ) ଧରିଲେ ସୁଦ୍ଧା ଯେଉଁ ମାନଙ୍କର ବାର୍ଷିକ ଆୟ ଟ ୨୫୬୦ ଙ୍କା ସେମାନେ କେବଳରେ ଇନ୍‌କମ ଟିକସ ଦାୟରୁ ମୁକ୍ତ ଅଛନ୍ତି ଏବଂ ଯେଉଁ ମାନଙ୍କର ଆୟ ବାର୍ଷିକ ଟ ୬୪୦୦ ଙ୍କାରୁ ଊଣା ସେ ମାନଙ୍କଠାରୁ ଟ ୨୫୬୦ ଙ୍କା ଉପରେ ଇନକମ୍ ଟିକସ ନିଆଯାଏ ନାହିଁ । ଆଉ ଯାହାଙ୍କର ଆୟ ଟ ୬୪୦୦ ଙ୍କା ଅବା ତହିଁରୁ ଅଧିକ ଅଥଚ ଟ ୮୦୦୦ ଙ୍କାରୁ ଊଣା ସେ ମାନଙ୍କର ଆୟରୁ ସୁଦ୍ଧା ଟ ୧୬୦୦ ଙ୍କା ଇନକମ୍ ଟିକସଦାୟରୁ ମୁକ୍ତ ଅଛି । ଇଂଲଣ୍ଡ ପ୍ରାୟ ଧନଶାଳୀ ଦେଶରେ ସୁଦ୍ଧା ଟ ୨୫୬୦ ଙ୍କା ପର୍ଯ୍ୟନ୍ତ ଆୟ କରୁଥିବା ଲୋକ ଇନକମ୍ ଟିକସ ଦାୟରୁ ମୁକ୍ତ ଥିବାସ୍ଥଳେ ଦରିଦ୍ର ଭାରତ ବର୍ଷର ଲୋକ ପାଞ୍ଚଶହ ଟଙ୍କା ଆୟ ହେଲାକ୍ଷଣି ସରକାରଙ୍କୁ ଟିକସ ଗଣିବା କେଡ଼େ ଅନ୍ୟାୟ ପାଠକମାନେ ତାହା ସହଜରେ ବୁଝିପାରିବେ । ଯାହାର ଆୟ ଟ ୪୯୯୬୷/୧୧ ସେ ଇନକମ୍ ଟିକସ ଦାୟରୁ ମୁକ୍ତ ଅଟେ ମାତ୍ର ଆଉ ପାଞ୍ଚଲାଇଏ ହେଲେ ତାକୁ ଦଶଟଙ୍କା ଟିକସ ଦେଣ ପଡ଼ିବ । ବିଲାତ ପ୍ରାୟ ଏଠା ଗବର୍ଣ୍ଣମେଣ୍ଟ ଟ ୪୯୯୬୷/୧୧ ଆୟକୁ ଟିକସ ଦାୟରୁ ମୁକ୍ତ କରିଥିବା ସ୍ଥଳେ ତହିଁରୁ କିଛି ଅଧିକ ଆୟରୁ ତାହା ବାଦ ଦେବାର କଥା କିଭି ନାହିଁ । ଏହାକୁ କପ୍ରାୟ ନୀତ ବୋଲି ଯିବ ଅମ୍ଭେମାନେ ବୁଝି ପାରୁ ନାହୁଁ । ପୂର୍ବେ ମାସିକ ଟ ୨୦ ଙ୍କା ବେତନ ପ୍ରାପ୍ତ ଅମଲାର ବେତନ କୋର୍ଟ ନ ହେବାର ଅଦାଲତରେ ବାଧ ଥିଲା ମାତ୍ର ଟ ୨୧ ଙ୍କା ହେଲା କ୍ଷଣି ତହିଁରୁ ଅର୍ଦ୍ଧେକ କୋରକ ହୋଇ ପାରିବାର ନିୟମ ହୋଇଥିଲା । ଅନେକ ତର୍କ ବିତର୍କ ଓ ଆନ୍ଦୋଳନ ପରିରୁ ଟ ୨୦ ଙ୍କା ଠାରୁ ଅଧିକ ଓ ଟ ୪୦ଙ୍କାଠାରୁ ଊଣା ବେତନରୁ କୋଡ଼ିଏ ଟଙ୍କା ଉତ୍ତାର୍ଦ୍ଧ ହୋଇ ନ ପାରିବାର ନିୟମ ହେବାରୁ ସାମଞ୍ଜସ୍ୟ ରକ୍ଷିତ ହେଲା । ଇନକମ୍ ଟିକସ ବେଳକୁ ସେପରି ନୀତିର ଅନୁସରଣ ନ ହେବା ଦେଖି ଅମ୍ଭେମାନେ ବୁଝିପାରୁ ନାହୁଁ । ଏଥିଲାଗି ବିଲାତରେ ଟ ୨୫୬୦ ଙ୍କା ପର୍ଯ୍ୟନ୍ତ ଆୟ ଇନକମ୍ ଟିକସରୁ ମୁକ୍ତ ଥିବା ସ୍ଥଳେ ଏଠାରେ ଟ ୧୦୦୦ ଙ୍କା ଆୟ ପର୍ଯ୍ୟନ୍ତ ଆୟକୁ ଇନକମ୍ ଟିକସ ଦାୟରୁ ମୁକ୍ତ ଦେବା ମର୍ମରେ ଉତ୍ତରବର୍ଷରୁ ଅଧିକବାର ବ୍ରିଟିଶ-ମହାସମିତି ପ୍ରଭୃତିରେ ପ୍ରସ୍ତାବ ହେଉଥିଲେ ହେଁ ଗବର୍ଣ୍ଣମେଣ୍ଟ ତହିଁକି ଆଦୌ କାନ ଡେରୁ ନାହାନ୍ତି । ଏହା ଆମ୍ଭମାନଙ୍କ କପାଳ ଭିନ୍ନ ଅନ୍ୟ କ ହୋଇପାରେ ? କେବେ ଯେ ଏ ଅନ୍ୟାୟ ଟିକସ ଦାୟରୁ ଦେଶ ରକ୍ଷାପାଇବ ଭଗବାନ୍ ଜାଣନ୍ତି ।

---

## ଅନ୍ନକଷ୍ଟର କ୍ଷତିପୂରଣ ।

ବଙ୍ଗ ପ୍ରଦେଶର ବଜେଟ ସମ୍ବନ୍ଧରେ ବଙ୍ଗୀୟ ବ୍ୟବସ୍ଥାପକ ସଭାରେ ତର୍କ ବିତର୍କ ହେଉଥିବା କାଳରେ ମାନ୍ୟବର ସୁରେନ୍ଦ୍ରନାଥ ବନ୍ଦ୍ୟୋପାଧ୍ୟାୟ ଅନ୍ୟାନ୍ୟ ପ୍ରସଙ୍ଗ ମଧ୍ୟରେ ଗବର୍ଣ୍ଣମେଣ୍ଟଙ୍କୁ ପ୍ରଶ୍ନ କରିଥିଲେ କି ଖାଦ୍ୟଦ୍ରବ୍ୟର ଦୁର୍ମୂଲ୍ୟହେତୁ ପିଆଦା ପ୍ରଭୃତି ଶ୍ରେଣୀର ଭୃତ୍ୟମାନଙ୍କ କିଛି କ୍ଷତିପୂରଣ ଦିଆଯାଇ ଥିଲା କି ନାହିଁ ଏବଂ ଦିଆଯାଇ ଥିଲେ ସେମାନଙ୍କ କଷ୍ଟ ନିବାରଣନିମନ୍ତେ ତାହା ଯଥେଷ୍ଟ ଥିଲା କି ନାହିଁ ? ମାନ୍ୟବର ବୋଡିଲନ ସାହେବ ଗବର୍ଣ୍ଣମେଣ୍ଟଙ୍କ ପକ୍ଷରୁ ଉତ୍ତର ଦେଲେ କି ଖାଦ୍ୟଦ୍ରବ୍ୟର ଦୁର୍ମୂଲ୍ୟହେତୁ କ୍ଷତିପୂରଣ ଦେବାର ନିୟମ ଟିଭଲ ଏକାଉଣ୍ଟ କୋଡ଼ର ଧା ୬୭ ସ୍ଥରେ ଲେଖା ଅଛି । ତଦନୁସାରେ କୌଣସି ଜିଲ୍ଲାରେ ମୋଟଶସ୍ୟର ଦର ଏକଟଙ୍କାକୁ ସେ ୧୨ ସେରରୁ ଊଣା ହେଲେ ଯେଉଁ ସରକାରୀ ଭୃତ୍ୟଙ୍କ ବେତନ ମାସକୁ ଟ ୭୧ ଙ୍କା ଓ ଅଥବା ତହିଁରୁ ଊଣା ଅଟେ ସେମାନେ ଆପଣା ୨ ବେତନ ଉପରେ ମାସକୁ ଏକଟଙ୍କା ଲେଖାଏଁ ଅଧିକା ପାଇବେ ଏବଂ ଯେତେବେଳେ କୌଣସି ଜିଲ୍ଲାରେ ଶସ୍ୟର ଦର ଏକଟଙ୍କାକୁ ସେ ୧୦ ସେରୁ ଊଣା ହେବ ସେତେବେଳେ ସେଠା ସରକାରୀ ଚାକରମାନଙ୍କ ମଧ୍ୟରୁ ଯେଉଁମାନଙ୍କ ବେତନ ମାସକୁ ଟ ୧୨୧ ଙ୍କାରୁ ଊର୍ଦ୍ଧ୍ୱ ନୁହେ ସେମାନେ ଆପଣା ୨ ବେତନ ଉପରେ ମାସକୁ ଟ ୨ ଙ୍କା ଲେଖାଏଁ ଅଧିକ ପାଇବେ । ଗତବର୍ଷ ଏହି ନିୟମାନୁସାରେ କୌଣସି ୨ ଠାରେ କ୍ଷତିପୂରଣ ଦିଆଯାଇ ଥିଲା ମାତ୍ର ଏଥିରେ କେତେ ଟଙ୍କା ବ୍ୟୟ ହୋଇ ଅଛି ତହିଁର ହିସାବ ଦେବାକୁ ଗବର୍ଣ୍ଣମେଣ୍ଟ 'ଅର୍ଥବିଭାଗୀୟ ତତ୍ତ୍ୱରେ' ପ୍ରସ୍ତୁତ ହୋଇ ନାହିଁ ।

ଉପର ଲିଖିତ ବିବରଣରୁ ପ୍ରକାଶ ଯେ ମୋଟ ଶସ୍ୟର ଦର ବାଲେଶ୍ୱରରେ ସେ ୧୨ ସେ-

Digitized by srujanika@gmail.com

Split by PDF Splitter



ଲୁ ଉଣା ହେଲେ ଅଲ୍ପ ବେତନର ସରକାରୀ-
ଶୃଙ୍ଖଳମାନେ କ୍ଷତିପୂରଣ ପାଇବାର ହକଦାର ।
ମୋଟା ଶୃଙ୍ଖଳର ଅର୍ଥ ସାଧାରଣ ମୋଟ ଶୃଙ୍ଖଳ
ନିତାନ୍ତ ଅରଣ୍ୟା ବା ଧାନମୁଣ୍ଡା ମୋଟ ଶୃଙ୍ଖଳ
ନୁହେ । ସେପରି ଶୃଙ୍ଖଳ ବର୍ତ୍ତମାନ ବହୁତ ଅନେକ
ସ୍ଥାନରେ ସେ ୧୬ ରୁ ଉଣା ଥିବାର ସର-
କାରୀ ଗେଜେଟ ସଙ୍ଗେ ପ୍ରକାଶିତ ହେଉଥିବା
ଖାଦ୍ୟଦ୍ରବ୍ୟର ମୂଲ୍ୟରୁ ଜାଣିବାରୁ ଜଣାଯାଉ
ଅଛି । କିନ୍ତୁ ଏଥିପାଇଁ କ୍ଷତିପୂରଣ ଦଆଯିବାର
ଦେଖୁ ନାହୁଁ । ଏହି କଟକ ଜିଲାର ସଦର ଉପ-
ଗରେ ଶୃଙ୍ଖଳର ଦର ସେ ୧୦୪ ରୁ ସେ ୧୪-
।୵ ଛଟାଙ୍କ ପର୍ଯ୍ୟନ୍ତ ହୋଇ ଥିବାର ଲେଖା
ଅଛି । ସେ ୧୦୪ ଠାରୁ ସେ ୧୪।୵ ପର୍ଯ୍ୟନ୍ତ"
ଏପରି ଲେଖାର ଭାବ ସ୍ପଷ୍ଟ ବୁଝା ଯାଉ ନାହିଁ
ଏଥିର ନାନା ଅର୍ଥ ହୋଇପାରେ, ଯଥା — ଏକ ଅ-
ର୍ଥ ସଦର ବିଭାଗ ଅନ୍ତର୍ଗତ ସହରରେ ସେ
ସେ ୧୦୪ ଓ କୌଣସି ଦୂରସ୍ଥ ମୋଫସଲରେ
ସେ ୧୪।୵ । ଅଥଚ ଏପରି ଅର୍ଥ ହେବ
ସଙ୍ଗତ ନୁହେ କାରଣ ସହରର କୋମାଂଶା
ମଧ୍ୟରେ ସେ ୪ ର ଅଧିକା ମିଳିଲେ ମହାଜନ-
ମାନେ ଟଙ୍କାପ୍ରତି ଟ ୩୵ ରୁ ଅଧିକ ଲାଭ ଦେଖି
ସେଠାରୁ ମାଲ ଆଣିବାରେ ତ୍ରୁଟି କରନ୍ତେ ନାହିଁ
ସୁତରାଂ ସେଠା ଶସ୍ୟ ଏ ପରିମାଣ ଅନ୍ୟ ଅର୍ଥ
ସାଧାରଣ ମୋଟଶୃଙ୍ଖଳର ଦର ସେ ୧୦୪ ଓ
ଅତ୍ୟନ୍ତ ମୋଟଶୃଙ୍ଖଳର ଦର ସେ ୧୪।୵ ।
ତାହା ହେଲେ ଏପରି ଲେଖିବା ଶବ୍ଦ ନୁହେ ଏ
ଭ୍ରମାତ୍ମକ ଅଟେ । ସାଧାରଣ ଲୋକେ ଯେଉଁ
ମୋଟ ଶୃଙ୍ଖଳ ବ୍ୟବହାର କରନ୍ତି ଅର୍ଥାତ ଯାହା
ନାଗ୍ରିକା ପାଳୁଅବା କଡା ଯାଇ କଟଯାଇ ଥାଏ
ତାହାର ଦର ଲେଖା ହେବା ଉଚିତ । ସେହି
ପ୍ରକାର ବା ଅନ୍ୟାନ୍ୟ ପ୍ରକାର ଶୃଙ୍ଖଳର ଦର
ଏକ ସପ୍ତାହ ମଧ୍ୟରେ ସେ ୩।୪ ର ଅନ୍ତର ପ୍ରାପ୍ତ
ହୁଏ ନା ଏବଂ ଯେତେବେଳେ ସେପରି ହେବ ତେବେ
ତାହାର ସାର ଦର ଲେଖି ପଠାଇବା ଉଚିତ ।
କୌଣସି ମତରେ ଯେପରିକି ଦେଖା ଯାଉ ଅଛି
ଯେ ଅନ୍ତତଃ ଏ ସହରରେ ମୋଟଶୃଙ୍ଖଳର
ଦର ସେ ୮ ରୁ ଉଣା ହୋଇ ଅଛି ଏବଂ
ଅଧିକାଂଶ ସରକାରୀ କର୍ମଚାରୀମାନେ ସହରରେ
ଥାଇ କାର୍ଯ୍ୟ କରୁ ଅଛନ୍ତି ସେମାନେ ଯେଉଁ-
ମାନଙ୍କ ବେତନ ଟ ୧୫ କାରୁ ଊର୍ଦ୍ଧ୍ୱ ନୁହେ
ସେମାନେ କ୍ଷତିପୂରଣ ପାଇବାର ଯୋଗ୍ୟାଯୋଗ୍ୟ
ତଦନୁସାରେ ସେମାନଙ୍କୁ ତାହା ଦେବା ଉଚିତ
ଏବଂ ଶୃଙ୍ଖଳର ଠିକ୍ ଉପଯୁକ୍ତ କରିବା ସମୟରେ
ଭଲରୂପେ ଅନୁସନ୍ଧାନ କରିବା ଆବଶ୍ୟକ ଅନେ-
କ ସମୟରେ ବଜାରର ଦର ଠିକ ଉପଯୁକ୍ତ
ହେବାର ଦେଖା ଯାଇ ନାହିଁ ।

---

## ସାପ୍ତାହିକ ସମ୍ବାଦ ।

ଏ ନଗରରେ ଅଦ୍ୟ ବୃଷ୍ଟି ହୋଇ ନାହିଁ କେବଳ ଏଥିମ-
ଧ୍ୟରେ ନିକଟବର୍ତ୍ତୀ ମୋଫସଲର ଠାବେ ଠାବେ ବୃଷ୍ଟି ହେବା
ଯୋଗୁଁ ବାୟୁ କିଛି ଶୀତଳ ହୋଇଅଛି ଏବଂ ଗ୍ରୀଷ୍ମ ଉଣା
ଅଛି ।

ଜ୍ୱରରୋଗ ପୂର୍ବଠାରୁ ଉଣା ହେଲେହେଁ ଏକାବେଳକେ
ଯାଇ ନାହିଁ ।

କେନ୍ଦ୍ରାପଡ଼ା କାନାଲ ବାର୍ଷିକ ମେରାମତ ଶେଷ ହେବା-
ବାରୁ ଗତ ମଙ୍ଗଳବାର ରାତ୍ରିରେ ପାଣି ଛଡ଼ାଯାଇଅଛି । ଗତ
କାଲିଠାରୁ ନୌକାଦି ଯାତାୟାତ ଆରମ୍ଭ ହୋଇଅଛି ।

### କଲିକତା ଗେଜେଟ୍

ମିଃ ଡବଲିଉ ସି ମାକ୍ଫର୍ସନ ବଙ୍ଗଦେଶର ଭୂମି-
ସଂକ୍ରାନ୍ତ ଓ କୃଷିସଂକ୍ରାନ୍ତ ଡାଇରେକ୍ଟର ପଦରେ ବାହାଲ
ହେଲେ ଓ ଅନ୍ୟାନ୍ୟପର୍ଯ୍ୟନ୍ତ ୨ୟ ଶ୍ରେଣୀର ମାଜିଷ୍ଟ୍ରେଟ ଓ
କଲେକ୍ଟରଙ୍କ ପଦରେ ନିଯୁକ୍ତ ହେବେ ।

ଓଡ଼ିଶାର ବନ୍ଦୋବସ୍ତ କାର୍ଯ୍ୟରେ ନିଯୁକ୍ତ ଡେପୁଟିମାଜିଷ୍ଟ୍ରେଟ
ଓ ଡେଃ କଲେକ୍ଟର ମିଃ ଅମ୍ବିକାଚରଣ ଦେବ ପ୍ରଥମଶ୍ରେ-
ଣୀରେ ସ୍ଥାୟୀରୂପେ ଉକ୍ତ କାର୍ଯ୍ୟରେ ନିଯୁକ୍ତ ହେଲେ ।

ଡେପୁଟି ମାଜିଷ୍ଟ୍ରେଟ ଓ କଲେକ୍ଟର ମିଃ ନ, ବିଶ୍ୱନାଥ
୯ମଶ୍ରେଣୀରେ ବାହାଲ ହେଲେ ।

ଅନୁଗପଦା ଖାନସୁର ବହାଦୁର ଖାଁ ସାହେବ ଅବଦା-
ଲ୍ଲାହ ସରକାର ନୟମାବ ତାଂ୭ଦିନରୁ ଦଶମାସର ଅନ-
ଗ୍ରହ ଛୁଟି ପ୍ରାପ୍ତହୋଇଅଛନ୍ତି ।

---

ଗତ ଶନିବାର ଦିନ କେନ୍ଦ୍ରାପଡ଼ା ଥାନା ଅନ୍ତର୍ଗତ ପାଳି-
ଯେ ଗ୍ରାମରେ ଗୋଟିଏ ଡମ୍ବୁରୁ ନରହତ୍ୟା ଘଟିଅଛି । ଉକ୍ତ
ଗ୍ରାମର ଗୋଟିଏ ବଣ୍ଡାସ୍ୱର ଯୁବକ ଏକ ଯୁବତୀକୁ କଣାଉଛ
କରିବା ନିମନ୍ତେ ବାଧ୍ୟ ହୋଇ ଅର୍ଥ ଉଦ୍ଧାରକୁ ଗୋଟିଏ ବା-
ଲକକୁ ହତ୍ୟା କରି ତାହାର ଅଳଙ୍କାର ଯୁବତୀକୁ ଦେଇଅ-
ଛି । ଉକ୍ତ ଦୋଷିବ୍ୟକ୍ତିରେ ହଜାଜାତର ପ୍ରମାଦଗ୍ରସ୍ତ
ଅବଗତ ହୋଇଅଛି । ଯୁବକମାନେ ସାବଧାନ ?

ଗତ ରବିବାର କାଲେଶ୍ୱର ଥାନା ଚଉକି ପଦ୍ମପୁର
ପ୍ରଗଣା ଅନ୍ତର୍ଗତ ସୁନାଖଲା ଗ୍ରାମରେ ପଞ୍ଚାୟତ୍ରେନ ଜାଇଲ
କରେ ଏଥିପାଇଁ କୌଣସି ଲୋକ ଅଖ୍ୟାପାଉନ୍ନାସ କଥକରି
ନାଲିକ ଉପରେ ଶୁଖିଉଠେଇ ଯାଇଅଛି । ପୋଲିସ ତଦ-
ନ୍ତ କରୁଅଛନ୍ତି ।

କ୍ୟାରେକୋତୁଡାରୁ ଅବଗତ ହେଲୁଁ ଯେ ବାଲେଶ୍ୱରରେ
ବେତେ ନୂଆ ଜମିଦାର ମୋକଦମାରେ ଅସାମିମାନେ ଉତ୍ପୀ
ଡେଇଅଛନ୍ତି ବା ଜମିଦାରଙ୍କ ଅତ୍ୟାଚାରରେ ଘଟି ସାହେବଙ୍କ-
ପାଠି ଶିକାର କରିବାକୁ ସେମାନେ ଜଙ୍ଗଲକୁ ଯାଉଥିଲେ,
ଜମିଦାର କର୍ମଚାରୀମାନେ ଅକାରଣ ସେମାନଙ୍କୁ ଧରି ଅଟେଅଛନ୍ତି ।
କେବୁଲର ମଲ ଜାଣିବାର ଇଚ୍ଛା କରୁଅ ।

ଉଡ଼ିଆ ଓ ଇବସ୍ଥାରେ ଶୁଣାଗଲା ଯେ ବାଲେଶ୍ୱରରେ
ଓଲଉଠା ଉଣା ପଡ଼ୁଅଛି ମାତ୍ର ଜ୍ୱର ପ୍ରବଳ ହୋଇଅଛି ।

ଏହା ଓଡ଼ିଶା କହି କରିବର୍ଷର ଅଧିକାଂଶ ସ୍ଥଳରେ
ବର୍ତ୍ତମାନ ସମୟରେ ଜ୍ୱରର ପ୍ରକୋପ ଅଧିକ ହୋଇଅଛି ।
ଅନେକ ଯେତ ଏହାକୁ ଦିନଯାବଲେ ଜ୍ଞାନ କହୁଅଛନ୍ତି ।

କଲିକତାର ଜଣେ ଡାକ୍ତର ପ୍ରକାଶ କରି ଦେଇ ଅଛନ୍ତି
ଯେ ଚତୁର୍ଦ୍ଦଶୀ ଉଦ୍ଧରେ କୀଟଜନରେ ଏକପ୍ରକାର ଜୀବ
ଜନ୍ତୁ ମାତ୍ର ଅନେକରେ ନ ଆଏ । ଏହା ଶସ୍ୟ ଗଛ
ଅଟ ଅନିଷ୍ଟକର । ଏହି ହେତୁ ଜ୍ୱର ଶସ୍ୟରେ ଚତୁର୍ଦ୍ଦଶୀରେ
ଖାଇବା ଖାଇବା ନିଷେଧ ହୋଇଅଛି ।—
ଓଡ଼ିଆ ଓ ନବସମ୍ବାଦ ।

ରେଣ୍ଡ୍ରାଇଡଗାଣ୍ଟ ଅନେକବାର ଏକଜଣ ହୋଟ୍ରିପଡ
ଯେ ଏଥର ଶୀତକାଳରେ ଅପରାହ ତାହାଙ୍କରେ ବଡ଼ି
ଦେଶ ଭ୍ରମଣ କରୁ କରୁ କରିବାକୁ ମଧ୍ୟ ଆସିଥିଲେ । ସେ
ବୁଲଣ୍ଡର ପାଉଣ୍ଡ ଅର୍ଥାତ ତଜାସଦସ୍ତୁର ଅଧିକ ଟଙ୍କାରେ ଏକ
ସେଣ୍ଡି କଟି ଅଛନ୍ତି । ଇଉନାଇଟେଡ୍ଷ୍ଟେଟ୍ସରେ ଏରୂପ ମୂଲ
କେଉଁଠି ଅଇ ନାହିଁ ।

ଶୁଣାଯାଉଅଛି ଯୁବରାଜ ଲେଡ୍ସଥରୁ ଓଷ୍ଟମିନ୍ଷ୍ଟରର ବିଶ୍ୱ
ସ୍ତବ୍ଧମାନ ମଣ୍ଡଳର ସହିତ ଇଉରୋପୀୟଦଳର ବର୍ତ୍ତ-
ମାନ ପ୍ରଧାନ ମନ୍ତ୍ରୀ ଲର୍ଡ ରୋଜବେରିଙ୍କର ବିବାଦ ଠିକ
ହୋଇଅଛି । ମହାରାଣୀ ଏଥି ପ୍ରସ୍ତାବରେ ମତ ଦେଇ ଅଛ-
ନ୍ତି । ଲର୍ଡ ରୋଜବେରିଙ୍କ ପ୍ରଥମ ଥର ଇଉରୋପଇତ୍ର ସମ୍ବାଦ
ମଧ୍ୟରେ ବିବାହ ହୋଇ ଅନେକ ଧନ ସଞ୍ଚରିତ ଅଧିକାରୀ
ହୋଇଅଛନ୍ତି ।

ମାର୍କିନ ଡାକ୍ତର ଅଧ୍ୟାପକ ପିଟରଓଗ୍ରାନିକ ଖେଳନ ଏକ
ଅତ୍ୟାଶ୍ଚର୍ଯ୍ୟ କାଣ୍ଡ କରିଅଛନ୍ତି । ଏକ ବାଡ଼ିର ଉପରରେ
ଗୋଟିଏ ଉତ୍କଳର ଜଳମଧ୍ୟରେ ରଖି ଏକ କ୍ଷୁଦ୍ର ବୈଦ୍ୟୁତିକ
ପ୍ରକାଶ ପ୍ରବେଶ କରି ଦେଇଥିଲେ । ପରେ ଅଇ କୌଣସି
ଅପେକ୍ଷା ନ ଥିଲ ଖେଳୁ ଅଛିବାର ପରେ ସେଥିର ଉପରି-
ରେ ସ୍ତିମିତ ନଇବାକୁ ତାହାର ଅଲେଇରେ ବୃଦ୍ଧି ଅଧିକ
ସେଣିକର ଅତ୍ୟନ୍ତ ଜାବାର ଦେଖା ଗଲା । ଯେତେମାନେ
ସେହି ତାମସା ଦେଖି ଅବାକ୍ ହୋଇଥିଲେ । ଉକ୍ତ କବ-
ରେ କେତେ ଅଦ୍ଭୁତ ଏବଂ ଅଲୌକିକ ଘଟଣା ଉଲରେ
ଘଟିଅଛି ।

ଏକ ଦଇଗ ବାର୍ଲବରୋଲେଖା ଅଛି ଯେ ପୋଷ୍ଟାସ ପର-
ଲମେଣ୍ଟରେ ଅପିମର ଉପର ଅଷ୍ଟମ ଅର୍ଥାତ ଅପିମଖାଉ ଉଷ
ଶରୀରରେ ପ୍ରବେଶ କଲେ ତାହାକୁ ଉଦ୍ଧାର କଲା ।
ଅନ୍ୟ ଦିନ ଦିନେ ଉଇବର୍ଷଠାରେ ଡାକ୍ତର ମୁଣ୍ଡ ନାମକ
ଏକ ଅଳ୍ପବୟସ୍କ ଡାକ୍ତର ଏହା ଅବଗତ କରି ହେରୁଶ୍ରୀ
ଖାଇ ତବାର ସେମାନଙ୍କ ମୁଖରେ ଦାଇଲେନ ପରଦିନ
ତାରେ ମଳିତ ଅଛି ଖେଳନ ଦଶ ପରେ ସୁଦ୍ଧ ହେଲେ
ଯୋଷ୍ଟାସ ଉଲେଖେଣ୍ଟ ତାହାଙ୍କ ୨ ଗ୍ରେନ ଦେଇ ଉଦ୍ଧାର
ପାଇ କଲେ । ଏକ ଗ୍ରେନ ୬ ରତିଅଛେ ମୃତ୍ୟୁ ଅବସ୍ଥ ହୋ-
ଇ ଅନ୍ୟ ଡାକ୍ତରମାନେ ମୁଣ୍ଡାହେବଙ୍କ ଶୀଘ୍ର କାଳକବଳରେ
ପତିତ ହେବ ବୋଲି ଅପେକ୍ଷା କରୁଥିଲେ ଏବଂ ଏ ସମ୍ବା-
ଦକ ପତ୍ରିକାରୁ ବଦତ ହେବ କାରଣ ମୁଣ୍ଡାହେବଙ୍କ ଅ-
କଲେଖ କରୁଥିଲେ ମାତ୍ର ମୁଣ୍ଡାହେବଙ୍କର କୌଣସି ଅନିଷ୍ଟ-
ନ ହେବାର ଦେଖି ସମସ୍ତେ ଆଶ୍ଚର୍ଯ୍ୟାନ୍ୱିତ ହୋଇ ତାଙ୍କୁ ଧ-
ନ୍ୟବାଦ ଦେଲେ ।—ଲୋକେ ଆବଶ୍ୟକ କରିବାରୁ ଅପି-
ମ ହେଲେ ତାହାର ଉଚିତ ଭୟର ନାହିଁ ।

Digitized by srujanika@gmail.com